# ଛାତ୍ରୀଛାତ୍ରଙ୍କୁ ସ୍କୁଲ ପଠାଇବାକୁ ଜନଜାତି ସୁରକ୍ଷା ମଞ୍ଚର ଆହ୍ୱାନ

**ଉମରକୋଟ,୨୭।୧୦ (ସନ୍ତୋଷ ଶତପଥୀ)**

ଦୀର୍ଘ ଏକ ମାସ ଧରି ଜିଲା ଭିତ୍ତିକ ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରୀଛାତ୍ରଙ୍କୁ ସ୍କୁଲକୁ ନ ପଠାଇବା ଆନ୍ଦୋଳନରୁ ଅବିଭକ୍ତ କୋରାପୁଟ ଜିଲା ଜନଜାତି ସୁରକ୍ଷା ମଞ୍ଚ ଓହରିଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ବ୍ୟକ୍ତିଗତ ସଚିବ ତ୍ରିନାଥ ମାଝି ନବରଙ୍ଗପୁର ଜିଲା ଜନଜାତି ସୁରକ୍ଷା ମଞ୍ଚର ସଭାପତିଙ୍କୁ ପତ୍ର ମାଧ୍ୟମରେ ଆଲୋଚନା ପାଇଁ ନିମନ୍ତ୍ରଣ କରିବା ପରେ ମଞ୍ଚ ଏହି ନିଷ୍ପତ୍ତି ନେଇଛି। ଜିଲାର ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିକ୍ଷାଦାନ ସ୍ୱାଭାବିକ ହେବା ଆବଶ୍ୟକ ବୋଲି ପତ୍ରରେ ଉଲ୍ଲେଖ ରହିଛି। ମଙ୍ଗଳବାରଠାରୁ ନବରଙ୍ଗପୁର ଜିଲାର ସମସ୍ତ ସ୍କୁଲକୁ ଛାତ୍ରୀଛାତ୍ର ପାଠପଢ଼ିବାକୁ ଯିବେ। ରବିବାର ଉମରକୋଟ ନିକଟସ୍ଥ ସାନଭରଣ୍ଡି ଠାରେ ଥିବା ରାଜଗଣ୍ଡ ସମାଜ ଗୃହଠାରେ ଏକ ଖବରଦାତା ସମ୍ମିଳନୀ ଜିଲା ଜନଜାତି ସୁରକ୍ଷା ମଞ୍ଚର ଜିଲା ସଭାପତି ଘନ ମାଝି ଏହି ସୂଚନା ଦେଇଛନ୍ତି। ଜିଲା ଜନଜାତି ସୁରକ୍ଷା ମଞ୍ଚ ଏକ ସାମାଜିକ ସଙ୍ଗଠନ । ଏହା ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହି ସମାଜର ସାମୂହିକ ହକ୍ ଅଧିକାର ହାସଲ କରିବା ଏହାର ଲକ୍ଷ୍ୟ ବୋଲି ମଞ୍ଚ ପକ୍ଷରୁ ସୁଚାନା ଦିଆଯାଇଛି। ସମାଜରେ ଅନ୍ଧବିଶ୍ୱାସ ଓ ସାମାଜିକସ୍ତରରେ ମଜବୁତ କରିବା ଜାଲ ଜାତି ପ୍ରମାଣପତ୍ର ହାତେଇ ସରକାରୀ ଚାକିରୀ କରୁଥିବା ଓ ଜନପ୍ରତିନିଧି ହେବା, ଆଦିବାସୀ ନାମରେ ବିଭିନ୍ନ ଫାଇଦା ଉଠାଉଥିବା ଠକ /ଟାଉଟରଙ୍କୁ ନ୍ୟାୟଚିତ ଦଣ୍ଡ ଦେବା ସଂଗଠନର ମୂଳ ଲକ୍ଷ୍ୟ ବୋଲି ମଞ୍ଚ କହିଛି।

ଉଲ୍ଲେଖ ଯୋଗ୍ୟ, ଅବିଭକ୍ତ କୋରାପୁଟ ଜିଲାରେ ଶିକ୍ଷକ, ତୃତୀୟ ଓ ଚତୁର୍ଥ ଶ୍ରେଣୀ ନିଯୁକ୍ତିରେ ଜିଲାଭିତ୍ତିକ ନିଯୁକ୍ତି ଦାବିକରି ଗତ ୨୭ ତାରିଖରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଯଦି ସରକାରଙ୍କ ସହ ଆଲୋଚନାରେ କିଛି ସୁଫଳ ନ ମିଳେ ତାହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସରକାରଙ୍କ ସହ ଆଲୋଚନା ପାଇଁ ଜନଜାତି ସଙ୍ଗଠନ, ଛାତ୍ର ସଂଗଠନ ଓ ସରପଞ୍ଚ ସଂଘ ମିଳିତ ଭାବେ ଏକ ଟିମ୍ ପ୍ରସ୍ତୁତ କରି ଜିଲା ଭିତ୍ତିକ ନିଯୁକ୍ତି ବିଷୟରେ ଆଲୋଚନାରେ ଭାଗ ନେବେ ଘନ ମାଝି ବୋଲି କହିଛନ୍ତି । ଖବରଦାତା ସମ୍ମିଳନୀରେ ଜନ ଜାତି ସୁରକ୍ଷା ମଞ୍ଚର କାର୍ଯ୍ୟକାରୀ ସଭାପତି ଘନ ମାଝୀ, ସମ୍ପାଦକ ଲକ୍ଷ୍ମଣ ମାଝୀ, ସଂଯୋଜକ ରାଜମନ ଭତ୍ରା, ସରପଞ୍ଚ ସଂଘର ସମ୍ପାଦକ ଅର୍ଜୁନ ଭତ୍ରା, ଉମରକୋଟ ଜନଜାତି ସୁରକ୍ଷା ମଞ୍ଚ ସଭାପତି ବୀରସିଂ ମାଝୀ, ସଦସ୍ୟ ଯମୁନା ନାୟକ, ଉମରକୋଟ ଜନଜାତି କର୍ମଚାରୀ ସେଲ୍ ସଭାପତି ତୀରଥ ଚନ୍ଦ୍ର ମାଝୀ, ଝରିଗାଁ ବ୍ଲକ ଏକମ୍ବା ସରପଞ୍ଚ ଅନୀତା ପୂଜାରୀ, ଚନ୍ଦାହାଣ୍ଡି ସରପଞ୍ଚ ସଂଘ ପକ୍ଷରୁ ଦଶରଥ ଧୂରୁଆ, ଜନଜାତି ଛାତ୍ର ସଂଘ ସଭାପତି ପ୍ରଶାନ୍ତ ନାୟକ, ସମ୍ପାଦକ କମଲୁ ଭତ୍ରା, ରାମଚନ୍ଦ୍ର ପୂଜାରୀ, ଚୈତନ ଧୂରୁଆଙ୍କ ସହ ବିଭିନ୍ନ ସଂଗଠନ ପକ୍ଷରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ।


ଖବରଦାତା ସମ୍ମିଳନୀରେ ଜନଜାତି ସୁରକ୍ଷା ମଞ୍ଚ କର୍ମକର୍ତ୍ତା।

■ ଜିଲା ଭିତ୍ତିକ ଶିକ୍ଷକ ନିଯୁକ୍ତି ଦାବି
■ଆଲୋଚନା ପାଇଁ ରାଜ୍ୟ ସରକାରଙ୍କଠୁ ଆସିଲା ନିମନ୍ତ୍ରଣ

# ଆନ୍ଦୋଳନ ଜାରି ରହୁ, ପିଲାଙ୍କୁ ସ୍କୁଲକୁ ଛାଡ଼

**ନବରଙ୍ଗପୁର,୨୭।୧୦(ସଦାଶିବ ପ୍ରହରାଜ)**

**ଜିଲାଭିତ୍ତିକ ନିଯୁକ୍ତି ଦାବି, ସ୍କୁଲ ଆସୁନାହାନ୍ତି ପିଲା**

କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ଚୁକ୍ତି ଗ୍ରହଣ ସମୟରୁ ମିଳିତ କ୍ରିୟାନୁଷ୍ଠାନ କମିଟି ଜିଲାଭିତ୍ତିକ ନିଯୁକ୍ତି ଦାବି କରି ସମୟ ବ୍ୟବଧାନରେ ଆନ୍ଦୋଳନ, ଦାବିପତ୍ର, ଜିଲା ବନ୍ଦ ଓ ବିଦ୍ୟାଳୟକୁ ଛାତ୍ରୀଛାତ୍ରଙ୍କୁ ନ ଛାଡିବା ଭଳି ପ୍ରକ୍ରିୟାକୁ ଜାରି ରଖିଛି। ଏପଟେ ବିଦ୍ୟାଳୟକୁ ପିଲା ଆସୁ ନ ଥିବାରୁ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଜିଲାରେ ମିଳିତ କ୍ରିୟାନୁଷ୍ଠାନ କମିଟି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ସ୍କୁଲକୁ ନ ଛାଡିବା ପାଇଁ ଡାକରା ଦେବା ପରେ ଅନେକ ପିଲା ବିଦ୍ୟାଳୟକୁ ଆସୁନାହାନ୍ତି । ଏହାଦ୍ୱାରା କୋମଳମତି ଶିଶୁଙ୍କ ପ୍ରତି ଶିକ୍ଷା ଅଧିକାରକୁ କ୍ଷୁଣ୍ଣ କରିଦିଆଯାଉଛି । ଏଠାରେ ଅଭିଭାବକମାନେ ମଧ୍ୟ ଅନୁଭବ କରିବା ଉଚିତ, ଆମ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ଘଟିଲେ କାହାର କ୍ଷତି ଘଟୁଛି । ରାଜ୍ୟସ୍ତରୀୟ ଶିକ୍ଷକ ନିଯୁକ୍ତିକୁ ବିରୋଧ କରାଯାଉ, କିନ୍ତୁ ବିଦ୍ୟାଳୟକୁ ପିଲାଙ୍କୁ ନ ଛାଡି ସେମାନଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ନ ଦିଆଯାଉ । ଏହି ଘଟଣାକୁ ସ୍ଥାନୀୟ ଲୋକ ପ୍ରତିନିଧି ଓ ବିଭିନ୍ନ ସଂଗଠନ ଗୁରୁତର ସହିତ ବିଚାର କରିବା ଆବଶ୍ୟକ ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଜିଲାରେ ୧୧୧୭ ଶିକ୍ଷକ ନିଯୁକ୍ତି ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ୮୬୨ ପିଲା ଚୟନ ହୋଇଥିବାବେଳେ ୭୫୫ ଶିକ୍ଷକ ନିଯୁକ୍ତି ଗ୍ରହଣ କଲେ। ଅନ୍ୟପକ୍ଷେ ମିଳିତ କ୍ରିୟାନୁଷ୍ଠାନ କମିଟି ରାଜ୍ୟଭିତ୍ତିକ ନିଯୁକ୍ତି ପ୍ରକ୍ରିୟାକୁ ବିରୋଧ ଓ ଜିଲାଭିତ୍ତିକ ନିଯୁକ୍ତି ଦାବି କରିଆସୁଛି । ଏ ନେଇ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ କହିଛନ୍ତି, ବିରୋଧ ଯୋଗୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲାରେ କନିଷ୍ଠ ଶିକ୍ଷକ ଜଏନ କରିବା ଅବଧିକୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବର୍ତ୍ତମାନ ଜିଲାରେ ପ୍ରାଥମିକ ବିଦ୍ୟାଳୟରେ ୩୬୨ ଶିକ୍ଷକ ପଦବୀ ଖାଲି ପଡ଼ିଛି । ଅନ୍ୟପକ୍ଷରେ ଆଗକୁ ଅନେକ ଶିକ୍ଷକ ଅବସର ଗ୍ରହଣ କରିବେ। ଯଦି ଶିକ୍ଷକ ନିଯୁକ୍ତିକୁ ବର୍ତ୍ତମାନ ପରିସ୍ଥିତିରେ ବିରୋଧ କରାଯାଏ, ତେବେ ଜିଲାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡିବ ବୋଲି କୁହାଯାଉଛି।

ପ୍ରକାଶ ଯେ, ଜିଲାର ପ୍ରତ୍ୟେକ ବିଦ୍ୟାଳୟକୁ ଛାତ୍ରୀଛାତ୍ର ଆସୁଛନ୍ତି । କିନ୍ତୁ ହାତଗଣତି କେତେକ ବିଦ୍ୟାଳୟକୁ ପିଲା ଆସୁନାହାନ୍ତି । ପରିତାପର ବିଷୟ ଯେଉଁ ବିଦ୍ୟାଳୟଗୁଡିକରେ କନିଷ୍ଠ ଶିକ୍ଷକ ନିଯୁକ୍ତି ହୋଇନାହାନ୍ତି ସେଭଳି କିଛି ବିଦ୍ୟାଳୟକୁ ମଧ୍ୟ ଅଭିଭାବକମାନେ ପିଲାଙ୍କୁ ଛାଡୁନାହାନ୍ତି । ଏହା ସହିତ ଏହାର ପ୍ରଭାବ ହାଇସ୍କୁଲ ଉପରେ ମଧ୍ୟ ପଡୁଛି । କାରଣ ଜିଲାର ଅନେକ ସ୍କୁଲରେ ୧ମରୁ ୧୦ ଶ୍ରେଣୀ ମଧ୍ୟ ରହିଛି । ଏହାଦ୍ୱାରା ହାଇସ୍କୁଲଗୁଡିକରେ ମଧ୍ୟ ଉପସ୍ଥାପନ କମୁଛି । ନିଯୁକ୍ତି ପାଇଥିବା କିଛି ଶିକ୍ଷକ ଜଏନ କରି ଘରକୁ ଫେରିଯାଇଛନ୍ତି, ଆଉ କିଛି ଜଏନ କରିନାହାନ୍ତି। ଯେଉଁ ବିଦ୍ୟାଳୟରେ ଶିକ୍ଷକମାନଙ୍କ ନିଯୁକ୍ତିକୁ ସମର୍ଥନ କରାଯାଇ ଶିକ୍ଷାଦାନ ପାଇଁ ସୁଯୋଗ ଦିଆଯାଇଛି ସେଠାରେ ଶିକ୍ଷକମାନେ ମଧ୍ୟ ମାନସିକ ଚାପରେ ରହିଛନ୍ତି । ଜନସାଧାରଣ ମଧ୍ୟ ଜାଣିବାକୁ ହେବ ଜିଲାଭିତ୍ତିକ ନିଯୁକ୍ତି ଦାବି ଦ୍ୱାରା ଶିକ୍ଷା ଜିଲାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡି ଯାଉଛି । ଏହାକୁ ସରକାର ଓ ଜିଲା ପ୍ରଶାସନ ମଧ୍ୟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ଡାବୁଗାଁ, ୨୭।୧୦ (ପ୍ରଜ୍ଞାରଞ୍ଜନ ପରିଡା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଜୁନାପାଣି ପଞ୍ଚାୟତ ଅଧୀନ ଗିର୍ଲା ଗ୍ରାମରେ ରବିବାର ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଗିର୍ଲା ଗ୍ରାମର ଡ଼ମ୍ବରୁ ଭତ୍ରା (୬୦) । ସେ ରବିବାର ପୂର୍ବାହ୍ନ ୧୧ଟାରେ ଗ୍ରାମ ପାଖ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଅପରାହ୍ନ ୧ ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ପୋଖରୀ ପାଖକୁ ଯାଇଥିବାବେଳେ ଡମ୍ବରୁଙ୍କ ମୃତଦେହ ଭାସୁଥିବା ଦେଖି ଡ଼ାବୁଗାଁ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ଡମ୍ବରୁଙ୍କୁ ଉଦ୍ଧାର କରି ଡ଼ାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ।

ସେଠାରେ ଡାକ୍ତର ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ମୃତକଙ୍କ ପୁତୁରା ଯୋଗେନ୍ଦ୍ର ଭତ୍ରା ଡ଼ାବୁଗାଁ ଥାନାରେ ଏତଲା ଦେବା ପରେ ଥାନା କେସ ନଂ ୩୧/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ଡ଼ାବୁଗାଁ ଥାନା ଏଏସ୍ଆଇ ଗୋପାଳକୃଷ୍ଣ ହାଲୱା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି । ସୋମବାର ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

# ପେନ୍‌ସନ ଦାବିରେ ବ୍ଲକଗ୍ରାଣ୍ଟ ମାଧ୍ୟମିକ, କର୍ମଚାରୀ ସଂଘ ବୈଠକ


ବ୍ଲକ ଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘ କର୍ମକର୍ତ୍ତା।

**ନବରଙ୍ଗପୁର,୨୭।୧୦(ସଦାଶିବ ପ୍ରହରାଜ)**

ପେନ୍‌ସନ ଦାବିରେ ବ୍ଲକଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘର ବୈଠକ ରାବଣାଗୁଡା ଆଇଏସ୍ଆରଡ଼ି ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ବିଭୂତି ଭୂଷଣ ବରାଳ ବୈଠକରେ ଅଧକ୍ଷତା କରି କହିଥିଲେ, ଦୀର୍ଘ ୩୦ ବର୍ଷ ଧରି ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟଗୁଡିକରେ କାର୍ଯ୍ୟ କରି ବିନା ପେନ୍‌ସନରେ ଅବସର ନେଉଥିବା ଶିକ୍ଷକଙ୍କ ଦୁର୍ଦ୍ଦଶା ରାଜ୍ୟ ସରକାର ବିଚାର କରିବା ପାଇଁ ଅନୁରୋଧ କରିଥିଲେ। ଦୀର୍ଘଦିନ ଧରି ଗୋଟିଏ ଦାବି କିପରି ଭାବରେ ହାସଲ କରାଯିବ ସେ ନେଇ ସଂଘର ସମ୍ପାଦକ କାଶୀନାଥ ମହାନ୍ତି, ସହ ସମ୍ପାଦିକା ଇନ୍ଦିରା ପଟ୍ଟନାୟକ ଆଲୋଚନା କରିଥିଲେ । ଗତ ଦିନମାନଙ୍କରେ ରାଜ୍ୟ ସରକାରଙ୍କଠାରୁ ବ୍ଲକ ଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ ସଂଘ ଅନେକ ଦାବି ହାସଲ କରିଛି ବୋଲି ବରିଷ୍ଠ ଶିକ୍ଷକ ଆଲୋକ ଚନ୍ଦ୍ର ବେହୁରା ମତପ୍ରକାଶ କରିଥିଲେ। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ପେନସନ ସଂକ୍ରାନ୍ତୀୟ ସ୍ପଷ୍ଟ ନିର୍ଦ୍ଦେଶନାମା ଥିବା ସତ୍ତ୍ୱେ ସରକାର ଜାଣିଶୁଣି କାହିଁକି ଏ ବର୍ଗର ଶିକ୍ଷକମାନଙ୍କୁ ପେନ୍‌ସନ ପ୍ରଦାନ କରିନାହାନ୍ତି ବୋଲି କରଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୋଭ ପ୍ରକାଶ କରିଥିଲେ । ବୈଠକରେ ରାବଣାଗୁଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଗାମ୍ବର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଟାବଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁତାଂଶୁ ଶେଖର ବେହେରା, କୋଦଭଟା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦାଶ, ଭୂପତି ଭୂଷଣ ପଟ୍ଟନାୟକ, କ୍ଷୀରୋଦ ଚନ୍ଦ୍ର ପତି, ରାମଣି ରଞ୍ଜନ ନାୟକ, ସୀମାଞ୍ଚଳ ଖୁରା, ପ୍ରକାଶ ଚନ୍ଦ୍ର ନନ୍ଦ, ବୀରେନ୍ଦ୍ର ଆଚାର୍ଯ୍ୟ, ମଧୁସୂଦନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସନ୍ତୋଷ ପଣ୍ଡା ନୂଆ ସିଡିଏମ୍ଓ

**ଉମରକୋଟ,୨୭।୧୦ (ସନ୍ତୋଷ ଶତପଥୀ)**


ସନ୍ତୋଷ କୁମାର ପଣ୍ଡା

ନବରଙ୍ଗପୁର ଜିଲା ଉମରକୋଟ ବାସିନ୍ଦା ତଥା ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ସନ୍ତୋଷ କୁମାର ପଣ୍ଡାଙ୍କୁ ରାଜ୍ୟ ସରକାର ନବରଙ୍ଗପୁର ଜିଲାର ନୂତନ ମୁଖ୍ୟ ଚିକିତ୍ସା ଅଧିକାରୀ ଭାବେ ନିଯୁକ୍ତି ଦେଇଛନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ନେଇ ରବିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପିଲା ଦିନରୁ ଜଣେ ମେଧାବୀ ଛାତ୍ର ଭାବେ ପରିଚିତ ଡାକ୍ତର ପଣ୍ଡା ୧୯୮୫ରେ ଚାକିରିରେ ଯୋଗ ଦେଇଥିଲେ। ତାଙ୍କର ୪୦ ବର୍ଷର ଅଭିଜ୍ଞତା ରହିଛି। ଆସନ୍ତା ନଭେମ୍ବର ୧ରେ ସେ ସିଡିଏମ୍ଓ ଭାବେ ନବରଙ୍ଗପୁର ଜିଲା କାର୍ଯ୍ୟାଳୟରେ ଯୋଗ ଦେବେ। ସେ ଏହି ପଦବୀରେ ୧୪ ମାସ ରହିବା ପରେ ଅବସର ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ଡାକ୍ତର ପଣ୍ଡା ନିଜର ପ୍ରତିକ୍ରିୟାରେ କହିଛନ୍ତି, ନବରଙ୍ଗପୁର ଜିଲାରେ ବିଶେଷକରି ଗ୍ରାମାଞ୍ଚଳରେ ଲୋକମାନେ ଯେପରି ମୌଳିକ ସ୍ୱାସ୍ଥ୍ୟସେବାର ସୁବିଧା ପାଇବେ ଓ ଜିଲାର ସବୁ ମେଡିକାଲରେ ମ୍ୟାଲେରିଆ, ଡେଙ୍ଗୁ ପରି ଜ୍ୱରର ପରୀକ୍ଷା କିପରି ହେବ ସେ ନେଇ ଗୁରୁତ୍ୱ ଦେବି । ଏଥିସହ ଜିଲାରେ କାର୍ଯ୍ୟରତ ସମସ୍ତ ଡାକ୍ତରମାନଙ୍କୁ ନେଇ ଏକ ସଂଗଠିତ ଢଙ୍ଗରେ ସ୍ୱାସ୍ଥ୍ୟସେବା ଯୋଗାଇବା ମୋର ପ୍ରାଥମିକତା ରହିବ ବୋଲି ଡାକ୍ତର ପଣ୍ଡା କହିଛନ୍ତି। ଡାକ୍ତର ପଣ୍ଡା ସିଡ଼ିଏମ୍ଓ ଭାବେ ପଦୋନ୍ନତି ଖବର ଉମରକୋଟ ସହରରେ ପ୍ରଚାରିତ ହେବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟିବାରେ ଲାଗିଛି।

# ପାହାଡ଼ରୁ ଖସି ବୃଦ୍ଧଙ୍କ ମୃତ୍ୟୁ

**ମୋହନା,୨୭।୧୦(ମନ୍ମଥ ମିଶ୍ର)**

ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ବାଡେଗୁଡା ପଞ୍ଚାୟତ ବୁରିଗୁଡ଼ା ଗାଁରେ ପାହାଡ ଉପରୁ ଖସି ଜଣେ ବୃଦ୍ଧଙ୍କ ରବିବାର ମୃତ୍ୟୁ ହୋଇଛି। ଗାଁର ଦେବେନ୍ଦ୍ର ମଲ୍ଲିକ ପାହାଡ଼ ଉପରେ ଥିବା ବଗଡରେ ଚାଷ କରି ଆସୁଥିଲେ। ରବିବାର ଅପରାହ୍ନ ୨ଟାରେ ଦେବେନ୍ଦ୍ରଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ପୁଅ ଓ ସ୍ତ୍ରୀ ଦେବେନ୍ଦ୍ରଙ୍କୁ ଘରେ ଛାଡ଼ି ବଗଡ଼କୁ ଯିବାକୁ ବାହାରିଥିଲେ। ମାତ୍ର ଦେବେନ୍ଦ୍ର ସ୍ତ୍ରୀ ଓ ପୁଅଙ୍କ ପଛେ ପଛେ ଯାଇଥିଲେ। ଏହି ସମୟରେ ସେ ପାହାଡ ଉପରୁ ତଳକୁ ଖସି ପଡିଥିଲେ। ବଗଡରେ କାମ କରୁଥିବା ତାଙ୍କ ସ୍ତ୍ରୀ ଓ ପୁଅ ଦେବେନ୍ଦ୍ରଙ୍କ ଚିତ୍କାର ଶୁଣି ପାଖକୁ ଆସି ତାଙ୍କୁ ଗୁରୁତର ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଡାକି ଦେବେନ୍ଦ୍ରଙ୍କୁ ନେଇ ମୋହନା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦେବେନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା।

# ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥିତି ଅନୁଧ୍ୟାନ କଲେ ବିଡିଓ

**ତେନ୍ତୁଳିଖୁଣ୍ଟି, ୨୭।୧୦ (ଚିଦାନନ୍ଦ ସାହୁ)**

**ଅର୍ଥ ଆସୁଛି, ହେଲେ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇପାରୁନି**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଦିଗି ପଞ୍ଚାୟତରେ ଥିବା ୧୩ଟି ଅଙ୍ଗନୱାଡ଼ି କେନ୍ଦ୍ରର ସମସ୍ୟା ଉପରେ ଅନୁଧ୍ୟାନ କରିଛନ୍ତି ବିଡିଓ ମନୋଜ କୁମାର ପାଣିଗ୍ରାହୀ। ଦିଗି ପଞ୍ଚାୟତରେ୪ ଅଙ୍ଗନୱାଡ଼ି କେନ୍ଦ୍ର ଯଥା ଗଦବାଗୁଡ଼ା, ଚରମୁଳାର ୨ଟି ପଣସପଦର୍ ଓ ସଲପା ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। କେଉଁଠି ଭଡ଼ାଘରେ ଚାଲିଛି, ତ କିଏ ରାଜୀବ ଗାନ୍ଧୀ ସେବା କେନ୍ଦ୍ର କିମ୍ବା ବିଦ୍ୟାଳୟ ଅତିରିକ୍ତ ଶ୍ରେଣୀ ଗୃହରେ କେନ୍ଦ୍ର ଚାଲିଛି। ଏପରିକି ନିଜସ୍ୱ ଗୃହରେ ଚାଲିଥିବା ଅଧିକାଂଶ କେନ୍ଦ୍ରରେ ପାଚେରୀ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ । ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ ପାଇଁ ଅର୍ଥ ପ୍ରାବଧାନ ସତ୍ତ୍ୱେ ଉକ୍ତ କେନ୍ଦ୍ର ନିକଟରେ ସରକାରୀ ଜମି ନ ଥିବା, ଜବରଦଖଲ ଯୋଗୁ ଗୃହ ନିର୍ମାଣ କାର୍ଯ୍ୟ ପାଇଁ ବାଧକ ସାଜିଛି। ଖୁବ୍‌ଶୀଘ୍ର ସ୍ଥାୟୀ ସମାଧାନ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ବିଡିଓ ପ୍ରୟାସ ଆରମ୍ଭ କରିଛନ୍ତି । ବିଡିଓଙ୍କ ଏହି ଗସ୍ତ ସମୟରେ ଦିଗି ସରପଞ୍ଚ କିଶୋର ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସତ୍ୟଜିତ୍ ଗାହାଣ, ଯୋଗାଣ ସହାୟକ ସୁରେଶ ବିଷୋୟୀ, ସ୍ଥାନୀୟ ୱାର୍ଡ ମେମ୍ବର ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।


ବିଡିଓଙ୍କ ସହ ଅନ୍ୟମାନେ ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥିତି ଅନୁଧ୍ୟାନ କରି ଫେରୁଛନ୍ତି।

# ଭାରତୀୟ ପୋଥି ପୁରାଣ ହିଁ ଅଧୁନା ବିଜ୍ଞାନ



ଅତିଥିମାନେ 'ବଣ ମଲ୍ଲୀର' ଇଂଲିଶ ଅନୁବାଦ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ନବରଙ୍ଗପୁର,୨୭।୧୦(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ସହରସ୍ଥିତ କୁଞ୍ଜ ବିହାରୀ ପାଠାଗାରରେ ମାସିକ ସାହିତ୍ୟ ଆଲୋଚନା ସହିତ ପୁସ୍ତକ ଉନ୍ମୋଚନ ଏବଂ କବିତାପାଠ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ରୂପେ ରାଧାନାଥ ବେହେରା କହିଥିଲେ, ତାଳପତ୍ର ପୋଥି ରେ ମେଡିକାଲ ବିଜ୍ଞାନ, ଯୋଗ, ପ୍ରାଣାୟମ ସହିତ ରାଜନୀତି ବିଜ୍ଞାନ, ସାମାଜିକ ବିଜ୍ଞାନ ସବୁ ରହିଛି । ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବନ ବିହାରୀ ଭାରତୀୟ ସଂସ୍କୃତିରେ ପୁରାଣ ସାହିତ୍ୟକୁ ନେଇ ବିସ୍ତୃତ ଆଲୋଚନା କରି କହିଥିଲେ, ଭାରତୀୟ ପୋଥି ପୁରାଣ ହିଁ ଅଧୁନା ବିଜ୍ଞାନ। ହଜାର ହଜାର ବର୍ଷ ତଳେ ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ପୁଷ୍ପକ ବିମାନ ଆଜି ଜେଟ୍ ରୂପରେ ଉଡୁଛି। ରାମାୟଣ, ମହାଭାରତ ଯୁଦ୍ଧରେ ପ୍ରତିପକ୍ଷର ଅସ୍ତ୍ର ଶସ୍ତ୍ରକୁ କାଟୁଥିବା ଅସ୍ତ୍ର ହିଁ ଆଜି ଆଇରନ ଡ୍ରନ ଭାବରେ କାମ କରୁଛି। ଏହି ଅବସରରେ ରାଜ୍ୟପାଳ ପୁରସ୍କୃତପ୍ରାପ୍ତ ଶିକ୍ଷୟିତ୍ରୀ ତଥା ଲେଖିକା ଜେନାମଣି ବିଷୋୟୀଙ୍କ ଆତ୍ମଜୀବନୀ ପୁସ୍ତକ 'ବଣ ମଲ୍ଲୀର' ଇଂଲିଶ ଅନୁବାଦ ବହି ଉନ୍ମୋଚନ ହୋଇଥିଲା। ଏହାକୁ ନାରୀକବି ପ୍ରଭାସିନୀ ମହାନ୍ତି ଇଂଲିଶରେ ଅନୁବାଦ କରିଥିଲେ। ସମ୍ମାନିତ ବକ୍ତା ଭାବେ ମହିଳା ଖବରଦାତା ପ୍ରଭାତୀ ବିଷୋୟୀ ପୁସ୍ତକ ପ୍ରଚ୍ଛଦ ପଟରେ ଥିବା କାହାଣୀକୁ ନିଖୁଣ ଭାବରେ ଉପସ୍ଥାପନା କରିଥିଲେ। ସମୀକ୍ଷକ ଡ. ବିଜୟ କୁମାର ମିଶ୍ର 'ବଣ ମଲ୍ଲୀ'ର ସମୀକ୍ଷା କରି କହିଥିଲେ, ଆଗାମୀ ବଂଶଧରଙ୍କ ପ୍ରଚଳିତ ସାମାଜିକ ଚାଲିଚଳନ ଏହି ପୁସ୍ତକ ମାଧ୍ୟମରେ ପାଇପାରିବେ । ପ୍ରାରମ୍ଭିକ ସଙ୍ଗୀତ ପ୍ରଫୁଲ୍ଲ ପୁହାଣ ଗାନ କରିଥିବା ବେଳେ ପର୍ଶୁରାମ ସାହୁ କବିତା ସଂଯୋଜନା କରିଥିଲେ। କବି ହରିହର ନାୟକ, ପି ରବିକାନ୍ତ ରଘୁରାମ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ଜ୍ୟୋତ୍ସ୍ନା ମହାନ୍ତି, ହର ପ୍ରସାଦ ଦାସ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସ୍ୱାଗତ ଏବଂ ଧନ୍ୟବାଦ ପ୍ରସ୍ତାବ ନାଟ୍ୟକାର ଜଗନ୍ନାଥ ବେହେରା କରିଥିଲେ। ଏଥିରେ କୁମୁଦ ପଟ୍ଟନାୟକ, ଗୋପବନ୍ଧୁ ବିଷୋୟୀ, ନିରଞ୍ଜନ ମିଶ୍ର, ବିଜୟ କୁମାର ଚୌଧୁରୀ, ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ସର୍ବେଶ୍ୱର ତ୍ରିପାଠୀ, ସବ୍ୟସାଚୀ ବିଷୋୟୀ, ହୃଷିକେଶ ଦାସ, ବୈଦେହୀ ପଣ୍ଡା, ମନୋରମା ମାଝୀ, ସାନୁଜ ପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁଶୋଭିତା ମେରିଲିଁ ତୁରୁକ, ଶ୍ରୀହରି ବିଷୋୟୀ କୃଷ୍ଣ ଦାସ, ତ୍ରିବିକ୍ରମ ନନ୍ଦ, ରଘୁନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପାରମ୍ପରିକ, ଜୈବିକ କ୍ଷୁଦ୍ର ଶସ୍ୟ ଚାଷ ଉପରେ ଗୁରୁତ୍ୱ

**ଝରିଗାଁ,୨୭।୧୦(କିଶୋର ଚନ୍ଦ୍ର ମଣ୍ଡଳ)**

**ଶ୍ରୀଅନ୍ନ ଅଭିଯାନ ତରଫରୁ ଖାଦ୍ୟ ମେଳା**

ଗ୍ରାମାଞ୍ଚଳରେ କିପରି ଶସ୍ୟ ଚାଷ ବୃଦ୍ଧିପାଇବ ସେଥିପ୍ରତି ଗୁରୁତ୍ୱ ଦେଇ ରାଜ୍ୟ ସରକାରଙ୍କ ଓଡ଼ିଶା ମିଲେଟ ମିଶନ ଜରିଆରେ ଆରମ୍ଭ ହୋଇଛି ଶ୍ରୀଅନ୍ନ ଅଭିଯାନ । ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ କୃଷି ବିଭାଗ ଏବଂ ହର୍ଷା ଟ୍ରଷ୍ଟ ଆନୁକୂଲ୍ୟରେ ପୂର୍ଣ୍ଣିଗୁଡା ଗ୍ରାମରେ ରବିବାର ବ୍ଲକସ୍ତରୀୟ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ କୃଷି ଅଧିକାରୀ ଗଜାନନ ସାହୁ, ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ କର୍ମୀ ସୁରେନ୍ଦ୍ର ସାହୁ, ସିଏଚଓ ସାଇ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ମେଳାରେ ୭୦ ଜଣ ମହିଳା ପୁରୁଷ ଚାଷୀ ଉପସ୍ଥିତ ରହି ବିଭିନ୍ନ ପ୍ରକାର ଦେଶୀ ଫଳ, ଡାଲି ଜାତୀୟ ଶସ୍ୟ ଆଦି ପ୍ରଦର୍ଶ କରିଥିଲେ । ପୂର୍ବରୁ ଜୈବିକ ପଦ୍ଧତିରେ କରାଯାଉଥିବା ଚାଷ କାଳକ୍ରମେ ରାସାୟନିକ ସାର ଓ ହାଇବ୍ରିଡ ବିହନ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ। ଏହି ସ୍ଥିତିରେ ରାସାୟନିକ ୟୁରିଆ ସାର ଜମିରେ ଅଧିକ ପକାଇବା ଫଳରେ ଜମିର ଉର୍ବରତା ଆଉ ପୂର୍ବଭଳି ନାହିଁ ବୋଲି ବ୍ଲକ କୃଷି ଅଧିକାରୀ ପ୍ରକାଶ କରିଛନ୍ତି ।

ଏହି ସ୍ଥିତିରେ ପୂର୍ବଭଳି ବ୍ଲକରେ ଉତ୍ପାଦିତ କାନ୍ଦୁଲ ମଞ୍ଜି ଓ ଡାଲି, ମସୁର, ମୁଗ ଓ ବିରି ଡାଲି, ସୁଆଁ, ବାଜରା, କାଙ୍ଗୁ ଚାଉଳ ଆଉ ମିଳୁନାହିଁ। ପାରମ୍ପରିକ ଚାଷ ଧୀରେ ଧୀରେ ଲୋପ ପାଇବାକୁ ବସିଥିବା ବେଳେ ବିଶ୍ୱ ବଜାରରେ ଏବେ ପାରମ୍ପରିକ କ୍ଷୁଦ୍ର ଖାଦ୍ୟଶସ୍ୟର ନାହିଁ ନ ଥିବା ଚାହିଦା ରହିଛି। ଶ୍ରୀ ଅନ୍ନରେ ଥିବା ସୁଆଁ, କାଙ୍ଗୁ, କଦ ଆଦିକୁ ବିଶ୍ୱ ଦରବାରରେ ପରିଚିତ କରିବା ପାଇଁ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଚାଷୀଙ୍କୁ ପୁଣି ପାରମ୍ପରିକ ଚାଷ, ଜୈବିକ ଖତଦିଆ ଚାଷ, କ୍ଷୁଦ୍ର ଖାଦ୍ୟ ଶସ୍ୟ ଚାଷ କରିବାକୁ ପ୍ରୋତ୍ସାହିତ କରିବା ଆବଶ୍ୟକ ବୋଲି କୃଷି ଅଧିକାରୀ କହିଥିଲେ। ଏଥିସହ ଉତ୍ତମ ବଜାର ଯୋଗାଇବା ସହ ଓ ସଚେତନତା କରିବା ଆବଶ୍ୟକ ବୋଲି ଶ୍ରୀଅନ୍ନ ଅଭିଯାନର ବ୍ଲକ ପ୍ରୋଗ୍ରାମ କୋଅର୍ଡିନେଟର ବିଭୂତି ଭୂଷଣ ସ୍ୱାଇଁ, ହର୍ଷା ଟ୍ରଷ୍ଟ ଟିମ୍ ଲିଡର କୃଷ୍ଣ ଚନ୍ଦ୍ର ସାହୁ, ସ୍ନିଗ୍ଧା ଶୁଭଦର୍ଶନୀ ସାହୁ କହିଥିଲେ। କାର୍ଯ୍ୟକ୍ରମରେ ଶ୍ରୀଅନ୍ନ ଅଭିଯାନ ବ୍ଲକ୍ର ସମସ୍ତ ସିଆର୍‌ପି ଉପସ୍ଥିତ ଥିଲେ ।



ଖାଦ୍ୟମେଳାରେ ଉପସ୍ଥିତ ଅତିଥି।


ବ୍ଲକସ୍ତରୀୟ ଖାଦ୍ୟମେଳାରେ ପ୍ରଦର୍ଶିତ ବିଭିନ୍ନ ଫଳମୂଳ।

# ପଦ୍ମପୁରକୁ ମିଳୁନି ଏନ୍‌ଏସି ମାନ୍ୟତା, କୁହୁଳୁଛି ଅସନ୍ତୋଷ

ପଦ୍ମପୁର, ୨୭।୧୦ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁରକୁ ଏନ୍‌ଏସି ମାନ୍ୟତା ପାଇଁ ବାରମ୍ବାର ଦାବି, ଆନ୍ଦୋଳନ ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି ମଧ୍ୟ ଅଞ୍ଚଳର ବିକାଶ ପାଇଁ ଆଗ୍ରହ ପ୍ରକାଶ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପଦ୍ମପୁର ଅଞ୍ଚଳ ଏନ୍‌ଏସି ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ମଧ୍ୟ ଏନ୍‌ଏସି ମାନ୍ୟତା ମିଳୁନାହିଁ ବୋଲି ପଦ୍ମପୁରବାସୀ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ସୂଚନାଯୋଗ୍ୟ, ରାୟଗଡ଼ା ସଦର ମହକୁମାରୁ ୭୦କିମି ଦୂରରେ ପଦ୍ମପୁର। ଏହା ଜିଲାର ସବୁଠୁ ପୁରାତନ ସହର ତଥା ବଡ ପଞ୍ଚାୟତ। ଏଠାରେ ଜନସଂଖ୍ୟା ବୃଦ୍ଧି ସହ ପଞ୍ଚାୟତର ଆୟତନ ମଧ୍ୟ ବୃଦ୍ଧି ଘଟିଛି। ଏହି ପଞ୍ଚାୟତ ସମେତ ଲାଗିରହିଥିବା ଜନବସତିକୁ ମିଶାଇ ପ୍ରାୟ ୧୪ ହଜାରରୁ ଅଧିକ ଲୋକ ବାସ କରୁଛନ୍ତି। ଦୀର୍ଘ ୫ଶହ ବର୍ଷ ପୂର୍ବରୁ ପଦ୍ମପୁର ଗ୍ରାମ ବସିଥିବା ଲୋକେ କହୁଥିବାବେଳେ ୧୯୫୫ ମସିହାରେ ପ୍ରଥମ କରି ଏହି ପଞ୍ଚାୟତ ଗଠନ ହୋଇଥିଲା। ଏହା ଅଧୀନରେ ପଦ୍ମପୁର, ଜଗମଣ୍ଡା, ଜୁମୁରୁଗୁଡା ଓ ଅରୁଣଖୋଲି ଭଳି ରାଜସ୍ୱ ଗ୍ରାମ ରହିଛି। ପଡୋଶୀ ଗୁଣପୁର, ଗୁଡ଼ାରୀ, ରାମନାଗୁଡା ଓ ପାଖ ଗଜପତି ଜିଲାର ଲୋକଙ୍କ ପାଇଁ ଏହା ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ। ଭୋଟର ସଂଖ୍ୟା ଅନୁସାରେ ୬ହଜାର ୨୩୪ଥିବା ସମୟରେ ଜନସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ସାମାଜିକ, ରାଜନୈତିକ ଓ ଭୌଗଳିକ ଦୃଷ୍ଟିରୁ ପଦ୍ମପୁରର ସ୍ଥାନ ସ୍ୱତନ୍ତ୍ର ରହିଥିବାବେଳେ ସବୁ କ୍ଷେତ୍ରରେ ଅବହେଳିତ ପଦ୍ମପୁର। ତେବେ ଏଭଳି ସମସ୍ୟାକୁ ନେଇ ପଦ୍ମପୁର ବ୍ଲକ ଉନ୍ନୟନ ପରିଷଦ ତରଫରୁ ବାରମ୍ବାର ଅଞ୍ଚଳ ସମସ୍ୟା ସହ ଏନ୍‌ଏସି ପାଇଁ ନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ବରିଷ୍ଠ ନାଗରିକମାନେ ଦାବି କରି ଆସୁଥିଲେ ମଧ୍ୟ ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁ ଥିବା ଅଭିଯୋଗ ହେଉଛି। ଏହାକୁ ନେଇ ପଦ୍ମପୁର ବ୍ଲକ ଉନ୍ନୟନ ପରିଷଦ ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ଗତ ୨୪ତାରିଖରେ ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଖୁବ୍‌ଶୀଘ୍ର ପଦ୍ମପୁରକୁ ଏନ୍‌ଏସି ମାନ୍ୟତା ସହ ୨୦୧୮ ମସିହାରେ ଏକ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆଦିବାସୀ ଓ ହରିଜନ ୨୦୦ ଛାତ୍ରୀଙ୍କ ପାଇଁ ନିର୍ମିତ ହଷ୍ଟେଲ କାର୍ଯ୍ୟକ୍ଷମ କରିବା ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଦାବିପତ୍ର ପ୍ରଦାନ ସମୟରେ ପଦ୍ମପୁର ବ୍ଲକ୍ ଉନ୍ନୟନ ପରିଷଦର ସଭାପତି ଉଦୟ ଚନ୍ଦ୍ର ସାହୁ, ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା, ଉପସଭାପତି ପୂର୍ଣ୍ଣଚନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ ରାଜୀବ ସାହୁ, ହରିଶ୍ଚନ୍ଦ୍ର ପଣ୍ଡା, ବିଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଉଦ୍‌ଘାଟନ ଦିନକ ପରେ ଫଳକ ଉଭାନ



ଉଦଘାଟନ ହୋଇଥିବା ଫଳକ ।


ଉଭାନ ପରର ସ୍ଥିତି।

ଗୁଣପୁର,୨୭।୧୦ (ପ୍ରଦୀପ କୁମାର ପାଢ଼ୀ )

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଟିଟିମିରି ପଞ୍ଚାୟତର ମୁଣ୍ଡା ଗ୍ରାମରେ ଗତ ୨୪ ତାରିଖରେ ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ ସଂସ୍କୃତି ଭବନ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନର ଦିନକ ପରେ ସେଠାରୁ ଫଳକ ଉଭାନ ହୋଇଯାଇଛି। ଯାହାକୁ ନେଇ ଗୁଣପୁର ରାଜନୀତି ପାଣିପାଗ ସରଗରମ ହୋଇପଡିଛି।

ସୂଚନା ଯୋଗ୍ୟ, ଗତ ସରକାର ସମୟରେ ମୁଣ୍ଡା ଗ୍ରାମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଏକ ସଂସ୍କୃତି ଭବନ ନିର୍ମାଣ ହୋଇଥିଲା। ଏହି କାର୍ଯ୍ୟ ଆଇଟିଡିଏ ଦ୍ୱାରା କରାଯାଇଥିଲା। ସେହି କୋଠାକୁ ଲାଗି ଆମ ଓଡିଶା ନବୀନ ଓଡିଶା କୋଠାରେ ପୁଣି ୩ ଲକ୍ଷ ଅନୁଦାନରେ ଖର୍ଚ୍ଚ ହୋଇଥିଲା। ଏହି କାର୍ଯ୍ୟ ବ୍ଲକ ପ୍ରଶାସନ ଦ୍ୱାରା ହୋଇଥିଲା। ଏହି କୋଠାର ଅନେକ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ ଏବେ ବି କିଛି ଅନୁଦାନ ବଳକା ରହିଛି। ଫାଇନାଲ ବିଲ ହୋଇନି କି ପ୍ରଶାସନ ଗାଁ କମିଟିକୁ ଉକ୍ତ କୋଠାକୁ ହସ୍ତାନ୍ତର ମଧ୍ୟ କରିନି। ଇତିମଧ୍ୟରେ ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ ଗତ ୨୪ ତାରିଖରେ ଏକ ଶୋଭାଯାତ୍ରାରେ ଯାଇ ଉକ୍ତ କୋଠାରେ ଲାଗିଥିବା ଫଳକକୁ ଉଦ୍‌ଘାଟନ କରିଥିଲେ। ଫଳକରେ ରଘୁନାଥଙ୍କ ସମେତ ସମିତି ସଭ୍ୟ ନୀଳମଣି ଶବର ଓ ଗାଁ ମୁଖ୍ୟ ରେଞ୍ଜୁ ଶବରଙ୍କ ନା ରହିଥିବା ବେଳେ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ କିମ୍ବା ସରପଞ୍ଚ କି ସ୍ଥାନୀୟ ବିଧାୟକ କାହାର ମଧ୍ୟ ଏହି ଫଳକରେ ନା ନ ଥିଲା। ଫଳରେ ପ୍ରଶାସନର କୋଠା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏତେବଡ ଭୁଲ କିଭଳି ହେଲା ଏବଂ କିଏ କଲା ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଶେଷରେ ଶନିବାର ଫଳକଟି ସେହି ସ୍ଥାନରୁ ଉଭାନ ହୋଇଥିବା ଦେଖିବାକୁ ମିଳିଛି।

# ବଦଳିଲେ ଗୁଡ଼ାରି ବିଡିଓ

ଗୁଡାରି,୨୭।୧୦ (ପ୍ରମୋଦ କୁମାର ପତି)

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ଗୁଡାରି ବିଡ଼ିଓ ଅନିଶା ଦାସଙ୍କର ରାଜସ୍ୱ ବିଭାଗକୁ ବଦଳି ହୋଇଛି। ବର୍ତ୍ତମାନ କାର୍ଯ୍ୟରତ ଗୁଡାରି ବିଡ଼ିଓ ସ୍ଥାନୀୟ ଏନ୍‌ଏସି ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଯଦି ବିଡ଼ିଓ ଗୁଡାରିରୁ ରିଲିଭ ହୁଅନ୍ତି ତେବେ ସ୍ଥାନୀୟ ତହସିଲଦାର ଏ. ସ୍ନେହଲତା ବିଡ଼ିଓ ଦାୟିତ୍ୱରେ ରହିବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରକାଶ ଥାଉକି, ଦୀର୍ଘ ବର୍ଷ ହେବ ଗୁଡାରିରେ ଅତିରିକ୍ତ ବିଡ଼ିଓ ପଦବୀ ଖାଲି ପଡ଼ିଥିବାବେଳେ ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ପଦବୀ ମଧ୍ୟ ଖାଲି ପଡିଛି। ଏସବୁ ଖାଲି ପଦବୀ ପୂରଣ ଦିଗରେ ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।


ବିଡ଼ିଓ ଅନିଶା ଦାସ।

# ଦମ୍ପତିଙ୍କ ହାତଗୋଡ଼ ବାନ୍ଧି ଲୁଟ ଘଟଣା, ୪ ଗିରଫ


ଖବରଦାତା ସମ୍ମିଳନୀରେ ପୋଲିସ୍ ଚୋରି ବିଷୟରେ ସୂଚନା ଦେଉଛି।

ଟିକିରି,୨୭।୧୦
(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା ଟିକିରି ଥାନା ପୋଲିସ ୪ ଜଣିଆ ଡକାୟତ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ କରିଛି। ୨ ଦମ୍ପତିଙ୍କ ହାତ ଗୋଡ ବାନ୍ଧି ଲୁଟ୍ ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଜବତ କରିଛି। ବଡଚେକା ଗ୍ରାମର ପ୍ରଫୁଲ ପାଣି, ଜାମୁଗୁଡା ଗ୍ରାମର ଏଲ୍‌ଏନ ସାହୁ, ମଣ୍ଡୁଳଗୁଡା ଗ୍ରାମର ରମେଶ ହିଆଲ, କେଶକାପାଡି ଗ୍ରାମର ପ୍ରସାନ୍ତ କୁଲେସିକାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା ରବିବାର ଟିକିରି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାୟଗଡା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି ସୂଚନା ଦେଇଛନ୍ତି । ସାଇବର ଟିମ ସପୋର୍ଟରେ ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଚୋରି ହୋଇଥିବା ୧୮ଗ୍ରାମ ସୁନା, ୭୫୦୦ ଟଙ୍କା ଓ ଗୋଟିଏ ମୋବାଇଲ ସହ ଡକାୟତମାନେ ବ୍ୟବହାର କରୁଥିବା ୨ଟି ମୋବାଇଲ ଓ ଏକ ବାଇକ ଉଦ୍ଧାର କରିଛି।

## ୧୮ ଗ୍ରାମ ଚୋରି ସୁନା, ଟଙ୍କା, ବାଇକ୍ ଜବତ

ପୋଲିସ ସୂଚନା ଅନୁଯାୟୀ, ସେପ୍ଟେମ୍ବର ୨୩ ତାରିଖରେ ଦୁର୍ବୃତ୍ତମାନେ ଟିକିରି ଥାନା ଅନ୍ତର୍ଗତ କଡିଙ୍ଗା ଗ୍ରାମର ଦିବ୍ୟାଙ୍ଗ ରାମ ସାହୁଙ୍କ ଘରର ଆଜବେଷ୍ଟ ଭାଙ୍ଗି ଘରେ ପଶି ଦିବ୍ୟାଙ୍ଗ ଦମ୍ପତିଙ୍କ ହାତଗୋଡ ବାନ୍ଧି ଟଙ୍କା, ସୁନା ସହ ମୋବାଇଲ ଚୋରି କରି ନେଇଥିଲେ। ସେହିପରି ଗତ ନଭେମ୍ବର ୨୪ ତାରିଖରେ ଜାମୁଗୁଡା ଭାରତ ଗ୍ୟାସ୍ ଅଫିସ ନିକଟରେ ରହୁଥିବା ଗୌରୀ ଶଙ୍କର ଚୌଧୁରୀଙ୍କ ଘର ରାତି ୧୦ ଘଣ୍ଟାସମୟରେ ଘରେ ପଶି ଦମ୍ପତିଙ୍କ ହାତଗୋଡ ବାନ୍ଧି ସୁନା, ଟଙ୍କା ଓ ୨ଟି ମୋବାଇଲ ଫୋନ ଲୁଟି ନେଇଥିଲେ । ଏ ନେଇ ଟିକିରି ଥାନାରେ ୨୩ ତାରଖରେ କେଶ ନଂ ୧୯୩ ୟୁଏସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଟିକିରି ଥାନା ଆଇଆଇସି ବିଶ୍ୱବନ୍ଦିନୀ ବାଗଙ୍କ ନେତୃତ୍ୱରେ ଏସ୍‌ଆଇ ମନୋଜ ଜେନା, ମହେନ୍ଦ୍ର ହାସଂଦା, ମହେଶ୍ୱର ପାଇକ, ତ୍ରିନାଥ ତଟପାଡିଆ, ଏଏସ୍‌ଆଇ ନରେଶ କୁମାର ରାଉଳଙ୍କ ନେଇ ଏକ ଟିମ୍ କରି ବିଭିନ୍ନ ଅଞ୍ଚଳରୁ ଡକାୟତମାନଙ୍କୁ ଧରିବାରେ ସଫଳ ହୋଇଥିଲେ।

# ଜଳିଗଲା ଗାଡ଼ି ସର୍ଭିସିଂ ସେଣ୍ଟର, ବାଇକ୍



ଜେକେପୁର, ୨୭।୧୦
(ରାଜେଶ ବିଶ୍ୱାଳ)

ରାୟଗଡା ବ୍ଲକ୍‌ର ଜେକେପୁର ରୋଡରେ ଥିବା କୁମୁଟିପେଣ୍ଟା ଗ୍ରାମସ୍ଥିତ ମଣିକଣ୍ଠା ଗାଡି ସର୍ଭିସ ସେଣ୍ଟରରେ ରବିବାର ସକାଳୁ କୌଣସି କାରଣରୁ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ସହ ଗୋଟେ ବାଇକ୍ ସମ୍ପୂର୍ଣ୍ଣ ଜଳିଯାଇଛି। ଦୋକାନରେ ନିଆଁ ଲାଗିଥିବା ଜଣେ ବ୍ୟକ୍ତିଙ୍କଠାରୁ ଫୋନ୍ ଯୋଗେ ଖବରପାଇ ସମ୍ପୃକ୍ତ ଦୋକାନ ମାଲିକ ଟି.ଚିନା ଅଗ୍ନିଶମ ବିଭାଗକୁ ଜଣାଇଲେ। ୧ ଘଣ୍ଟା ପରେ ନିଆଁଲିଭା ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଦୋକାନ ଏବଂ ସେଥିରେ ଥିବା ଏକ ବାଇକ୍ ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଥିଲା। ଦୋକାନ ମାଲିକ ନଷ୍ଟ ସମ୍ପତ୍ତିର ମୂଲ୍ୟ ପାଖାପାଖି ୮ ଲକ୍ଷ ଟଙ୍କା ହେବ ବୋଲି ପ୍ରକାଶ କରିଛନ୍ତି। ସର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଅଗ୍ନିଶମ ବିଭାଗ କର୍ମଚାରୀ କହୁଥିବାବେଳେ ମାଲିକ ନିଜେ ସନ୍ଧ୍ୟାରେ ମେନ ସୁଇଚ ଅଫ୍ କରି ଦୋକାନ ଶଟର ପକାଇଥିବା ଦାବି କରୁଛନ୍ତି। ଏହା କୌଣସି ଦୁର୍ବୃତ୍ତଙ୍କ ହିଂସାତ୍ମକ କାର୍ଯ୍ୟକଳାପ ହୋଇଥାଇପାରେ ବୋଲି ମାଲିକ ଟି.ଚିନା ଦୃଢୋକ୍ତି ପ୍ରକାଶ କରୁଛନ୍ତି। ହେଲେ ଏହି ବିଷୟ ନେଇ ଏ ପର୍ଯ୍ୟନ୍ତ ସେ ଥାନାରେ କୌଣସି ଅଭିଯୋଗ କରି ନ ଥିବା ସୂଚନା ମିଳିଛି।

# ୨୩୦ ଲିଟର ଦେଶୀ ମଦ ଜବତ


ଜବତ ମଦ ପ୍ରସ୍ତୁତ ସାମଗ୍ରୀ ସହ ଅବକାରୀ ଅଧିକାରୀ

ଗୁଣପୁର,୨୭।୧୦( ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶକ୍ରମେ ରବିବାର ଗୁଣପୁର ଅଞ୍ଚଳରେ ମଦ ଚୋରା କାରବାର ଉପରେ ଚଢ଼ାଉ କରାଯାଇଥିଲା। ଉପ ଅଧୀକ୍ଷକ ଗୁପ୍ତେଶର ପ୍ରଧାନ ଏବଂ ଗୁଣପୁର ଅବକାରୀ ନିରୀକ୍ଷକ ପ୍ରୀତିଧାରା ନାୟକଙ୍କ ନେତୃତ୍ୱରେ ଗଡ଼ିଆବାଙ୍ଗ, ଓକିଲଗୁଡା, ପୁରୁଣା ଗୁଣପୁର ଏବଂ ଗାନ୍ଧୀନଗର ଅଞ୍ଚଳରେ ଚଢ଼ାଉ କରାଯାଇ ୨୩୦ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇଛି। ଏଥିସହ ବ୍ୟାପକ ପରିମାଣରେ ପୋଚ ସହ ବ୍ୟବହୃତ ସାମଗ୍ରୀଜବତ କରାଯାଇ ପୃଥକ ୩ଟିମାମଲା ରୁଜୁ କରାଯାଇଛି। ଭ୍ରାମ୍ୟମାଣ ଅବକାରୀ ବିଭାଗ ସହ ଗୁଡ଼ାରୀ, ବିଷମ କଟକ ଆଦି ଅବକାରୀ କାର୍ଯ୍ୟକର୍ତ୍ତା ଚଢ଼ାଉରେ ସାମିଲ ଥିଲେ। ଆଗାମୀ ଦିନରେ ଏହି ଚଢ଼ାଉ ପ୍ରକ୍ରିୟା ଜାରି ରହିବ ବୋଲି ଇନ୍ସପେକ୍ଟର ପ୍ରୀତିଧାରା ନାୟକ ସୂଚନା ଦେଇଛନ୍ତି।

# ଜଗନ୍ନାଥ ମନ୍ଦିର ପରିସର ସଫେଇ

ଗୁଣପୁର,୨୭।୧୦(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ରବିବାର ଜଗନ୍ନାଥ ମନ୍ଦିର ପରିସର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଏହି ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ଦିର ପରିସରରେ ପଡିରହିଥିବା ଅଳିଆ, ଆବର୍ଜନା, ଲଟାବୁଦା ସବୁ ସଫା କରିଥିଲେ। ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ବାଣୀ ପ୍ରସାଦ ନାୟକ ୟୁନିଟ -୧, ଘନିଷ୍ଠା ପୃଷ୍ଟି ୟୁନିଟ ୨, ସଦସ୍ୟ ପ୍ରମୋଦ ରଞ୍ଜନ ପଣ୍ଡା, ଗୋପାଳ କୃଷ୍ଣ ମହନ୍ତ, ଜୟନ୍ତୀ ଡାଙ୍ଗ ଏବଂ ଡ. ନିର୍ମଳା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।


ଜଗନ୍ନାଥ ମନ୍ଦିର ପରିସରରେ ସଫେଇ କରାଯାଉଛି।

# ୨ ଅଭିଯୁକ୍ତ ଗିରଫ, ୩ ଫୋନ ଜବତ

ରାୟଗଡା,୨୭।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା ଶେଷଖାଲ ଥାନା ପୋଲିସ ୨ଜଣ ମୋବାଇଲ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କଲ୍ୟାଣସିଂହପୁର ବ୍ଲକର ଲେଖାପାଲ ଗାଁର ଅକ୍ଷୟ ନାଗ ଓ ସେରିଗୁମ୍ମାର ମୋହନ କୁମାର ସାହୁ । ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ଆଇଫୋନ ଓ ଦୁଇଟି ଆଣ୍ଡ୍ରଏଡ ଫୋନ ଜବତ ହୋଇଥିବା ଶେଷଖାଲ ଥାନା ଅଧିକାରୀ ମୁନି କୁମାରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

ଗତ ୨୨ ତାରିଖ ସକାଳେ ବିହାରର ଆରିୟନ କୁମାର ଶର୍ମା ନିଜର ଭାଇକୁ ଦେଖା କରିବାକୁ ଆସିଥିଲେ। ଏହି ସମୟରେ ସେମାନେ ଘରେ ଶୋଇଥିବାବେଳେ ତାଙ୍କର ମୋବାଇଲ ଫୋନ ଚୋରି ହୋ ଯାଇଥିଲା। ଏ ନେଇ ସେ ଗତ ୨୫ ତାରିଖରେ ଶେଷଖାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଫୋନକୁ ଟ୍ରାକ୍ କରି ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଫୋନଗୁଡିକ ପୋଲିସ ସଂପୃକ୍ତ ବ୍ୟକ୍ତିଙ୍କୁ ଫେରସ୍ତ କରିଛି । ସେହିପରି ଗତ ରଥଯାତ୍ରାରେ ଚୋରି ହୋଇଥିବା ଗୋଟିଏ ମୋବାଇଲକୁ ଚାବିଲି ପୋଲିସ ଉଦ୍ଧାର କରି ମୋବାଇଲର ମାଲିକଙ୍କୁ କାଗଜପତ୍ର ଯାଞ୍ଚ କରି ପ୍ରଦାନ କରିଛି ।



# ଘର ସମ୍ମୁଖରୁ ବାଇକ୍ ଚୋରି

ବିଷମକଟକ,୨୭।୧୦(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ଦୁର୍ଗୀ ଗ୍ରାମର ସତ୍ୟନାରାୟଣ କୈବର୍ତ୍ତଙ୍କ ଘର ସମ୍ମୁଖରେ ଥିବା ଏକ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ରବିବାର ଭୋର ୪ଟା ୧୦ ମିନିଟ୍‌ରେ ବାଇକ ଚୋରି ହୋଇଥିବା ଦୃଶ୍ୟ ସିସିଟିଭି ଫୁଟେଜ୍‌ରେ କଏଦ ହୋଇଛି। ଏ ନେଇ ସତ୍ୟ ନାରାୟଣ ବିଷମକଟକ ଥାନାରେ ଏତଲା ଦେଇଛନ୍ତି। ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ଘଟଣାର ତଦନ୍ତ ଚାଲିଥିବା କହିଛନ୍ତି।

# ବିଷମକଟକରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ବିଷମ କଟକ, ୨୭।୧୦ (ପ୍ରସନ୍ନ କୁମାର ପଣ୍ଡା)

ବିଷମକଟକରେ ବିଜେଡିର ନିର୍ବାଚନମଣ୍ଡଳୀ ସ୍ତରୀୟ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ନେତୃତ୍ୱରେ ବିଷମ କଟକ, ମୁନିଗୁଡା, କୋଲନରା ଏବଂ କଲ୍ୟାଣସିଂପୁର ବ୍ଲକର ବହୁ ଦଳୀୟ କର୍ମକର୍ତ୍ତା ସ୍ଥାନୀୟ ମା' ମାର୍କମା ମନ୍ଦିରରୁ ପଦଯାତ୍ରାରେ ବାହାରି ସହର ପରିକ୍ରମା କରି ନେତାଜୀ ଛକ ନିକଟରେ ପହଞ୍ଚିଥିଲେ। ପଦଯାତ୍ରାରେ ପୂର୍ବତନ ଜିଲା ସଭାପତି ସୁଧୀର ଦାଶ, ଜିଲା ପରିଷଦ ଅଧ୍ୟକ୍ଷ ସରସ୍ୱତୀ ମାଝି, ଜିଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା, ପୂର୍ବତନ ଓବିସି ବ୍ୟାପାର ଉପଦେଷ୍ଟା ପୃଥ୍ୱୀରାଜ ସାହୁ, ଜିଲା ପରିଷଦ ସଦସ୍ୟ ବିଜୟଶାନ୍ତି କୁମୁରିକା, ସୁଜାତା କାଡ୍ରାକା, ଜ୍ୟୋତି ପ୍ରସାଦ ସାହୁ, ଧବଳେଶ୍ୱର ନାଇଡୁ, କୋଲନରା ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା କୁଲସିକା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହାବ୍ୟତୀତ ବିଷମ କଟକ ବରିଷ୍ଠ ବିଜେଡି କର୍ମୀ ଗୋପାଳ କୃଷ୍ଣ ପଟ୍ଟନାୟକ, ମୁନିଗୁଡା ବ୍ଲକ ସଭାପତି ରତନଲାଲ ଜୈନ, ପୂର୍ଣ୍ଣ ଚନ୍ଦ୍ର ଗୌଡ, ଧୀରେନ୍ଦ୍ର ପାଣିଗ୍ରାହୀ, ରବୀନ୍ଦ୍ର ନାଥ ପଣ୍ଡା, ବାବୁଲି ଦୋରା, ଅଜୟ ନିମାଲା ପ୍ରମୁଖ ଦଳୀୟ କର୍ମୀ ଯୋଗ ଦେଇଥିଲେ। ବ୍ଲକ ସଭାପତି ଦେବୀ ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଦଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଡ.ଶିବ ପ୍ରସାଦ, ବିଭୀଷଣ ପାଲକା, ସୁରେଶ ୱାଡକା, ଅଶ୍ୱିନି ପାଲକା, ଚନ୍ଦ୍ରକାନ୍ତ ପାଲକା, ସୁମନ ଗୌଡ, ଖଗେଶ୍ୱର ସାହୁ, ପ୍ରଦୀପ କୁମାର ଗୁଡୁଲା,ପପୁ ବେହେରାଙ୍କ ସହଯୋଗରେ ପଦଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହୋଇଛି। ପଦଯାତ୍ରାରେ ତିନି ହଜାରରୁ ଉର୍ଦ୍ଧ୍ୱ ପୁରୁଷ ମହିଳା କର୍ମୀ ଯୋଗ ଦେଇଥିଲେ।


ବିଜେଡି ପଦଯାତ୍ରାରେ ସହର ପରିକ୍ରମା କରୁଛି।

# ମା' କାଳୀଙ୍କୁ ୧୦ ଭିନ୍ନ ରୂପରେ ପୂଜା କରାଯିବ

- ରାୟଗଡ଼ା କାଳୀ ପୂଜା ପାଇଁ ପ୍ରସ୍ତୁତି ଆରମ୍ଭ
- ପ୍ରକୃତି ସୁରକ୍ଷା ପୂଜା ମୁଖ୍ୟ ଆକର୍ଷଣ

ରାୟଗଡା, ୨୭।୧୦ (ଭାଗ୍ୟଶ୍ରୀ ମିଶ୍ର )

ପାଖେଇ ଆସୁଛି କାଳୀପୂଜା । ଏଥିପାଇଁ ରାୟଗଡା ସହର ଚଳଚଞ୍ଚଳ ହୋଇ ଉଠିଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଫ୍ରେଣ୍ଡସ ୟୁଥ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବ୍ଲକ କଲୋନୀସ୍ଥିତ ସ୍ଥାୟୀ ମଣ୍ଡପଠାରେ କାଳୀ ପୂଜା ଏବଂ ଦଶ ମହାବିଦ୍ୟା ଉତ୍ସବ ମହାଆଡମ୍ବର ସହକାରେ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଆସନ୍ତା ୩୧ରୁ ଆରମ୍ଭ ହୋଇ ୧୦ ନଭେମ୍ବର ପର୍ଯ୍ୟନ୍ତ ୧୦ ଦିନ ଧରି କାଳୀପୂଜା ଚାଲିବ।

ଚା' ଖଟିରୁ ରାୟଗଡାରେ କାଳୀପୂଜା ପରିକଳ୍ପନା ଆରମ୍ଭ ହୋଇଥିଲା । କର୍ତ୍ତା ଶିବ ପଟ୍ଟନାୟକଙ୍କ ସମେତ ଅନ୍ୟ କମିଟି ସଦସ୍ୟମାନେ ମିଶି ଆରମ୍ଭ କରିଥିବା କାଳୀ ପୂଜା ଚଳିତ ବର୍ଷ ୪୨ତମ ବର୍ଷରେ ପଦାର୍ପଣ କରିବ। ଫ୍ରେଣ୍ଡସ୍ ୟୁଥ ଆସୋସିଏଶନ ପକ୍ଷରୁ ଦୀପାବଳି ଅମାବାସ୍ୟାର ମଧ୍ୟରାତ୍ରିରୁ ପୂଜା ଆରମ୍ଭ ହୋଇ ନଭେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ପୂଜା ଚାଲୁ ରହିବ । ଏହି ୧୦ ଦିନରେ ମା' କାଳୀଙ୍କୁ ଭିନ୍ନ ଭିନ୍ନ ରୂପରେ ଗୁରୁଦ୍ୱାରା, ତ୍ରିପୁରା ସୁନ୍ଦରୀ, ଭୁବନେଶ୍ୱରୀ, ତ୍ରିପୁରା ଭୈରବୀ, ଛିନ୍ନ ମସ୍ତା, ଧୂମା ବତୀ, ବଗଳା ମୁଖୀ, ମାତଙ୍ଗିନୀ, କମଳାତ୍ମିକା ବା ସ୍ୱୟଂ ମହାଲକ୍ଷ୍ମୀ ପୂଜା ଏବଂ ବାଲ୍ୟ କୁମାରୀ ରୂପରେ ପୂଜା କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ରାୟଗଡା ସହରରେ ଏହି ଗୋଟିଏ ସ୍ଥାନରେ କାଳୀ ପୂଜା କରାଯାଉଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସର ସହାୟତା ନିଆଯିବ ବୋଲି କମିଟିର ଉପସଭାପତି ଶିବାଜୀ ଦାଶ କହିଛନ୍ତି । ଚଳିତ ବର୍ଷ କଟକରୁ ମୂର୍ତ୍ତି କାରିଗରମାନେ ଆସି ମୂର୍ତ୍ତି ନିର୍ମାଣ କରୁଛନ୍ତି। ସୁଉଚ୍ଚ ତୋରଣ ସହ ଆଲୋକ ମାଳା ସାଙ୍ଗକୁ ତେଜସ୍ୱୀ ପଡିଆରେ ଅନୁଷ୍ଠିତ ମୀନାବଜାରରେ ବିଭିନ୍ନ ଦୋକାନ ପଡ଼ିବା ସହ ୧୫୦ରୁ ଉର୍ଦ୍ଧ୍ୱ ଷ୍ଟଲର ବ୍ୟବସ୍ଥା କରାଯାଇଛି। କାଳୀପୂଜାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ସୁନ୍ଦର ପ୍ରକୃତି କିପରି ସୁରକ୍ଷିତ ରହିବ ସେ ନେଇ ପୂଜା କରାଯାଏ। ପ୍ରକୃତି ବିନା ମାନବ ସମାଜ ପରିକଳ୍ପନା ସମ୍ଭବ ହୁଏ ନାହିଁ, ତେଣୁ ଏହାର ସୁରକ୍ଷିତ ଜରୁରୀ ବୋଲି ପରିବେଶକୁ ବାର୍ତ୍ତା ଦେଇ ପୂଜା କରାଯାଏ ଏବଂ ୧୦ ମହାବିଦ୍ୟା ପାଠ କରାଯାଏ । ଏଥିରେ କର୍ତ୍ତା ଭାବେ ଶିବ ପଟ୍ଟନାୟକ ଦାୟିତ୍ୱ ତୁଲାଇଥାନ୍ତି । କମିଟି ସଭାପତି ଦିଲୀପ ପଟ୍ଟନାୟକ, ଉପ ସଭାପତି ଶିବାଜୀ ଦାଶ, ସାଧାରଣ ସମ୍ପାଦକ ଶିବ ପଟ୍ଟନାୟକ, ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରାମ ପୁରୀ ଗଣେଶ ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥାନ୍ତି ।


ମା' କାଳୀଙ୍କ ମୂର୍ତ୍ତି ନିର୍ମାଣ ଚାଲିଛି।

## ମାଲକାନଗିରି ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ

ମାଲକାନଗିରି,୨୭।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ବ୍ଲକରେ ନୂତନ ବିଡିଓ ଭାବେ ତପନ କୁମାର ସେନାପତି ଯୋଗଦେଇଛନ୍ତି। ପୂର୍ବରୁ ବିଡିଓ ଭାବେ ପ୍ରଭାତୀ ଝୋଡିଆ କାର୍ଯ୍ୟ କରୁଥିବା ବେଳେ ତାଙ୍କର ଅନ୍ୟତ୍ର ବଦଳି ହୋଇଛି। ତାଙ୍କ ସ୍ଥାନରେ ସେନାପତି ନୂତନ ବିଡିଓ ଭାବେ ଦାଇତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ପୂର୍ବ ବିଡିଓ ଝୋଡିଆ, ବ୍ଲକ ଅଧକ୍ଷା ଏବଂ ଅନ୍ୟ ଅଧିକାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହାପରେ ନୂତନ ବିଡିଓ ସେନାପତିଙ୍କ ଅଧକ୍ଷତାରେ ବ୍ଲକ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିବା ବେଳେ ବିଭିନ୍ନ ବିଷୟରେ ନବାଗତ ବିଡିଓ ଆଲୋଚନା କରିବା ସହ ଆଗାମୀ ଦିନରେ କିପରି ସମସ୍ତ କାର୍ଯ୍ୟ ସୂଚାରୁ ରୂପେ କରାଯିବ ସେନେଇ ଆଲୋଚନା କରିଥିଲେ।

# ବିଡିଓଙ୍କ ଦ୍ୱାରସ୍ଥ ହେଲେ ଛାତ୍ର, ଖାଇବାକୁ ଦେଲେ ବିଡିଓ

■ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସ
■ ହଷ୍ଟେଲ ପିଲାଙ୍କୁ ମିଳୁନି ଖାଦ୍ୟ

କାଲିମେଳା, ୨୭।୧୦(ଜୀବନ କୃଷ୍ଣ ଦାସ)

ଛାତ୍ରାବାସରେ ପିଲାଙ୍କୁ ଠିକ୍ ଭାବେ ମିଳୁନାହିଁ ଖାଇବା। ଭୋକ ଉପାସରେ ବିଡିଓଙ୍କୁ ଗୁହାରି କଲେ ହଷ୍ଟେଲ ଅନ୍ତେବାସୀ। ବିଡିଓ ପିଲାମାନଙ୍କୁ ଖାଇବାକୁ ଦେବା ସହ ଘଟଣାର ଅନୁଧ୍ୟାନ କରିଛନ୍ତି । ଏଭଳି ଦେଖିବାକୁ ମିଳିଛି ମାଲକାନଗିରି ଜିଲା କାଲିମେଳା ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସରେ। ରବିବାର ହଷ୍ଟେଲରେ ଖାଇବାକୁ ନ ମିଳିବାରୁ ୩୦ ଜଣ ଛାତ୍ର ଚାଲି ଚାଲି କାଲିମେଳା ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଥିଲେ।

ସୂଚନା ଅନୁଯାୟୀ, ସରକାରୀ ଉଚ୍ଚ ବିଦ୍ୟାଳୟ ପିଲାମାନଙ୍କ ରହିବା ପାଇଁ ହଷ୍ଟେଲ ରହିଛି। ସେଠାରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୧୧୦ ଜଣ ଛାତ୍ର ରହିବା ବ୍ୟବସ୍ଥା କରାଯାଇଛି । ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ ନୃସିଂହ ଚରଣ ପାଇକରାୟ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବାବେଳେ ସେ ପିଲାଙ୍କୁ ଠିକ୍ ଭାବେ ଖାଇବାକୁ ଦେଉ ନ ଥିବା ଅଭିଯୋଗ ହୋଇଛି। ନିମ୍ନମାନର ଖାଇବା ଦିଆଯାଉଥିବା ବେଳେ ଅଧିକାଂଶ ସମୟରେ ନିଅଣ୍ଟ ହେଉଥିବାରୁ ଅନ୍ତେବାସୀମାନେ ଭୋକ ଉପାସରେ ରହୁଛନ୍ତି। ରବିବାର ସକାଳେ ପ୍ରାୟ ୯୦ ଜଣ ଛାତ୍ରଙ୍କ ପାଇଁ ଜଳଖିଆରେ ଉପମା ତିଆରି କରାଯାଇଥିଲା। ହେଲେ ତାହା ସରିଯିବାରୁ ୩୦ ପିଲା ଖାଇବାକୁ ନ ପାଇ ଭୋକରେ ଥିଲେ । ଏଭଳି ଘଟଣା ଦୀର୍ଘ ୬ ମାସ ଧରି ଚାଲିଥିବା ଅନ୍ତେବାସୀମାନେ କହିଛନ୍ତି । ଏଥିସହିତ ଆବଶ୍ୟକ କୋଠରି ନ ଥିବାରୁ ଗୋଟିଏ ବେଡ୍‌ରେ ୨ ଜଣ ଶୋଉଛନ୍ତି । ଏଥିସହ ହଷ୍ଟେଲରେ ଅନ୍ତେବାସୀମାନେ ନିଜ ହାତରୁ ଟଙ୍କା ଖର୍ଚ୍ଚକରି ଫ୍ୟାନ୍ ସଜାଡିଛନ୍ତି। ଏଥିସହ ହଷ୍ଟେଲରେ ପାନୀୟ ଜଳ ମଧ୍ୟ ମିଳୁ ନ ଥିବା ଅଭିଯୋଗ କରିଛନ୍ତି।

ଅଭିଯୋଗ ଶୁଣିବା ପରେ ବିଡିଓ ପ୍ରଦୀପ କୁମାର କର, ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ଓ ଏବିଇଓ ଚିନ୍ତାହରଣ ମଧୁ ହଷ୍ଟେଲକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। କିଭଳି ପରିବେଶରେ ପିଲାଙ୍କୁ ଖାଇବାକୁ ଦିଆଯାଉଛି ଏବଂ ଖାଦ୍ୟର ମାନ ଯାଞ୍ଚ କରିଛନ୍ତି । ବିଡିଓ ଗଣମାଧ୍ୟମକୁ କହିଛନ୍ତି, ପିଲାମାନେ ଯେଉଁ ଅଭିଯୋଗ ଆଣିଛନ୍ତି ତାହା ସମ୍ପୂର୍ଣ୍ଣ ସତ୍ୟ । ପିଲାଙ୍କୁ ଏଠାରେ ନିମ୍ନମାନର ଖାଦ୍ୟ ଦିଆଯାଉଛି। ସରକାରୀ ନିୟମ ଅନୁସାରେ ଜଣେ ଛାତ୍ରଙ୍କୁ ଯେତିକି ଖାଇବାକୁ ଦେବା କଥା ତା'ଠାରୁ କମ୍ ଦିଆଯାଉଛି। ତେଣୁ ଏ ସବୁ ଘଟଣାର ତଦନ୍ତ କରି ମୁଁ ଜିଲାପାଳଙ୍କୁ ରିପୋର୍ଟ ଦେବି ବୋଲି କହିଛନ୍ତି । ଏ ସମ୍ପର୍କରେ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ନୃସିଂହ ଚରଣ ପାଇକରାୟଙ୍କୁ ପଚାରିବାରୁ ପିଲାମାନେ ହଷ୍ଟେଲରେ ମୋବାଇଲ ବ୍ୟବହାର କରୁଛନ୍ତି । ଏ ନେଇ କେତେକ ପିଲାଙ୍କୁ ବାରଣ ସହ ମୋବାଇଲ ଛଡାଇ ନେଇ ଆସିଥିଲି । ସେଠାରେ ୯ମ ଓ ୧୦ମ ଶ୍ରେଣୀର ବଡପିଲାମାନେ ରହୁଥିବାରୁ ମୋ ବିରୋଧରେ ବିଡିଓଙ୍କ ପାଖରେ ଅଭିଯୋଗ କରିଛନ୍ତି । କିନ୍ତୁ ନିମ୍ନମାନର ଖାଦ୍ୟ ସମ୍ପର୍କରେ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ।

## ନୂତନ ଶିକ୍ଷକ ସମ୍ବର୍ଦ୍ଧନା ସଭାକୁ ବିଭିନ୍ନ ସଂଗଠନର ବିରୋଧ



କାର୍ଯ୍ୟକ୍ରମକୁ ବିରୋଧ କରି ଏକାଠି ହୋଇଥିବା ଲୋକେ ।

ମାଥିଲି, ୨୭।୧୦(ସୁବାସ ଚନ୍ଦ୍ର ଖୁଡୁପିଆ)

**ବାହାର ଜିଲା ଶିକ୍ଷକ ନିଯୁକ୍ତିକୁ ବିରୋଧ**

ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ବାହାର ଜିଲା ଶିକ୍ଷକଙ୍କୁ ଅବିଭକ୍ତ କୋରାପୁଟ ଜିଲାରେ ନିଯୁକ୍ତିକୁ ନେଇ ରାସ୍ତାରୋକୋ ଓ ଦୋକାନ ବଜାର ବନ୍ଦ ସହ ବିରୋଧ କରାଯାଇଥିଲା। ଏହି ନୂତନ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କୁ ମାଥିଲି ବ୍ଲକ ଶିକ୍ଷକ ସଂଘ ସଭାପତି ଜୟରାମ ଭୂମିଆଙ୍କ ନେତୃତ୍ୱରେ ରବିବାର ଶିକ୍ଷକ ଭବନରେ ସ୍ୱାଗତ ସମ୍ବର୍ଦ୍ଧନା ଦେବାର କାର୍ଯ୍ୟକ୍ରମ ଥିଲା । ଏଥିରେ ଜିଲା ଆଦିବାସୀ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ଭୂମିଆ ସମାଜ ସଭାପତି ସମାରୁ ନାୟକ, ବଣ୍ଡା ସମାଜ ସଭାପତି ମୁକୁନ୍ଦ ମାଝୀ, ସମିତି ସଭ୍ୟ ବାଲାରାଜୁ କୋପେ, ସରପଞ୍ଚ ଲକ୍ଷ୍ମୀ ବାକା ଓ ଡମ୍ବ ସମାଜ ସଭାପତି ତୁଳସୀରାମ ଦଳେଇଙ୍କ ସମେତ ଅନେକ ସ୍ଥାନୀୟ ସାମାଜିକ କର୍ମୀ କାର୍ଯ୍ୟକ୍ରମ ସ୍ଥଳକୁ ଯାଇ ସ୍ୱାଗତ ସମ୍ବର୍ଦ୍ଧନା ସଭାକୁ ବିରୋଧକରି ବନ୍ଦ କରାଇଥିଲେ। ଏ ସମ୍ପର୍କରେ ଶିକ୍ଷକ ସଂଘ ସଭାପତି ଜୟରାମ ଭୂମିଆଙ୍କୁ ମୋବାଇଲ ନଂ. ୯୯୩୭୪୫୬୨୩୦ରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ଫୋନ ବନ୍ଦ ଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ।

## ଦୁର୍ଘଟଣାରେ ମହିଳାଙ୍କ ହାତ କଟିଲା

ରାଇଘର ୨୭।୧୦(କିରଣ ପଟ୍ଟନାୟକ )

ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଗଛରେ ଏକ କାର୍ ଧକ୍କା ହେବାରୁ ସେଥିରେ ବସିଥିବା ଜଣେ ମହିଳାଙ୍କ ଡାହାଣ ହାତ କଟିଯାଇଛି। ରାଇଘର ବ୍ଲକ୍ ଯୋଡେଙ୍ଗା ବଜାରରୁ କିଛି ଦୂରରେ ଏହି ଦୁର୍ଘଟଣା ଘଟିଛି। ଆହତ ମହିଳା ମୀନା ଠାକୁରଙ୍କ ଘର ଛତିଶଗଡ଼ ଗରିୟାବନ୍ଦ ହୋଇଥିବାବେଳେ ସେ ହୀରାପୁର ଗ୍ରାମରେ ଶିକ୍ଷକତା କରନ୍ତି। ଦୀପାବଳି ଛୁଟିରେ ଶାଶୁ ଘର ଗରିଆବନ୍ଦକୁ ରାଇଘର ଦେଇ ଯିବା ସମୟରେ କାର ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଗଛରେ ପିଟି ହୋଇଯାଇଥିଲା। ଏହାପରେ ଗାଡ଼ିରେ ଥିବା ମୀନାଙ୍କମୀନାଙ୍କ ହାତ କଟି ଯାଇଥିବାରୁ ସେ ଗୁରୁତର ଥିବା ଜଣାପଡିଛି। କାରରେ ବସିଥିବା ଦେଢଶୁର ଲୀଳା ରାମ ଠାକୁର ଏବଂ ୪ବର୍ଷର ଶିଶୁକୁ ପ୍ରଥମେ ଯୋଡେଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନେଇ ଆସୁ ଚିକିତ୍ସା ପରେ ରାୟପୁରସ୍ଥିତ ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ମାଲକାନଗିରିରେ ଜାୱା ଶୋ'ରୁମ ଉଦ୍‌ଘାଟିତ

ମାଲକାନଗିରି,୨୭।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦରରେ ଜାୱା କମ୍ପାନୀର ମୋଟରସାଇକେଲ ଶୋ'ରୁମ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ଏସ୍‌ପି ତପନ ନାରାୟଣ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲା ଚାମ୍ବର ଅଫ କମର୍ସ ସଭାପତି ସୁରେଶ ସୋମାନୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶୋ'ରୁମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶୋ'ରୁମ ମାଲିକ ଲୋକନାଥ ପ୍ରସାଦ ସାହୁ,



ଜାୱା ଶା'ରୁମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

କର୍ମଚାରୀ ଦୀପ୍ତି ରଞ୍ଜନ ସାହୁ, ପ୍ରଭାତ ସାହୁ, ସୁବ୍ରତ ଗନ୍ତାୟତ, ସନ୍ତୋଷ କୁଲଦୀପ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଜିଲାରେ ଜାୱା କମ୍ପାନୀର ଏହା ପ୍ରଥମ ଶୋ' ରୁମ ହୋଇଥିବା ବେଳେ ଏହି ଗାଡି କ୍ରୟ ପାଇଁ ଇଚ୍ଛୁକ ବ୍ୟକ୍ତି ଓ ଏହି ଗାଡି ରଖିଥିବା ଲୋକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

## ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ



କାର୍ଯ୍ୟକ୍ରମ କିପରି ପାଳନ କରାଯିବ ସେ ସମ୍ପର୍କରେ ଅଧକ୍ଷ ସୁବ୍ରତ କୁମାର ଭଦ୍ର ପୁରାତନ ଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି ।

ମାଥିଲି,୨୭।୧୦(ସୁବାସ ଚନ୍ଦ୍ର ଖୁଡୁପିଆ)

**ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ**

ମାଲକାନଗିରି ଜିଲା ମାଥିଲି ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳନ ପାଇଁ ଅଧକ୍ଷ ସୁବ୍ରତ କୁମାର ଭଦ୍ରଙ୍କ ଅଧକ୍ଷତାରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ୨୦୧୫ରୁ ୨୦୨୦ମଧ୍ୟରେ ଯେଉଁ ଛାତ୍ରୀଛାତ୍ର ଅଧ୍ୟୟନ କରିଛନ୍ତି ସେମାନଙ୍କୁ କିଭଳି ଯୋଗାଯୋଗ କରିହେବ ସେ ବିଷୟରେ ଆଲୋଚନା ହୋଇଥିଲା। ଏହି ବୈଠକରେ ପୂର୍ବତନ ଛାତ୍ର କୁଶ ତାତି, ଆସିଫ ସାହା, ରୋହିତ ବେହେରା, ସୁବାସ ଖୁଡୁପିଆ, କୁନା ଅନୁଗୁଳିଆ, ବଂଶୀ ବୁରୁଦା, ସୁଦର୍ଶନ କୋପେ, ନରେନ୍ଦ୍ର ନିହାଲ, ମହମ୍ମଦ ମୁକ୍ତିଆରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପୂର୍ବତନ ଛାତ୍ରୀଛାତ୍ର ସେମାନଙ୍କ ବ୍ୟାଚର ସାଙ୍ଗସାଥୀ କେଉଁଠି ଅଛନ୍ତି ସେମାନଙ୍କୁ ଯୋଗାଯୋଗ କରିବାପାଇଁ ଅଧକ୍ଷ ଭଦ୍ର ପରାମର୍ଶ ଦେଇଥିଲେ। ଉପସ୍ଥିତ ଥିବା ପୂର୍ବତନ ଛାତ୍ରୀଛାତ୍ର ରୌପ୍ୟ ଜୟନ୍ତୀ କାର୍ଯ୍ୟକ୍ରମରେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବେ ବୋଲି ମତ ରଖି ଏକତ୍ର ହେବାପାଇଁ ଆଲୋଚନା କରିଥିଲେ।

## ଅଗ୍ନିଶମ ବିଭାଗ ପକ୍ଷରୁ ମକ୍ ଡ୍ରିଲ

ଉମରକୋଟ,୨୭।୧୦ (ସନ୍ତୋଷ ଶତପଥୀ)



ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ମକ୍ ଡ୍ରିଲ କରାଯାଉଛି ।

ଉମରକୋଟ ଅଗ୍ନିଶମ ବିଭାଗ ପକ୍ଷରୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଏକ ମକ୍ ଡ୍ରିଲ ଅନୁଷ୍ଠିତ ହେବା ସହ ଅଗ୍ନି ନିରାପତ୍ତା ସଚେତନ ସଭା ଅନୁଷ୍ଠିତ ହୋଇଯାଇଛି। କୌଣସି ସମୟରେ କିଛି ଅଘଟଣ ଘଟିଲେ ନିଜେ ତଥା ରୋଗୀଙ୍କୁ କିପରି ସୁରକ୍ଷା ଦେଇ ଅଘଟଣରୁ ରକ୍ଷା କରିବେ ଏହି ମକଡ୍ରିଲର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅଧିକାରୀମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାଧିକାରୀ ଭାଗିରଥି ବାଣୁଆ, ମୁଖ୍ୟଆଗ୍ନିକ ବିନୋଦ କେରକେଟା, ଡ୍ରାଇଭର ହାବିଲଦାର ଜଗଦୀଶ କାଣ୍ଡ, ଫାୟରମ୍ୟାନ ଧର୍ମେନ୍ଦ୍ର ସା, ଖିରୋଦ କୁମାର ନାଗ, ଶଙ୍କର ମାଝୀ, ଯଦୁମଣି କୋକ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀମାନଙ୍କୁ ହଠାତ ହସ୍ପିଟାଲରେ ନିଆଁ ଲାଗିଲେ କିପରି ତାର ମୁକାବିଲା କରାଯିବ ତାହାର କୌଶଳ ବୁଝାଇଥିଲେ। ଏହି ସଚେତନ ସଭାରେ ହସ୍ପିଟାଲର କର୍ମଚାରୀ ଓ ସିକୁରିଟି ଗାର୍ଡମାନେ ଉପସ୍ଥିତ ଥିଲେ।

## ଓସିଏସ୍‌ରେ କୃତକାର୍ଯ୍ୟ ଯୁବତୀ, ଯୁବକଙ୍କୁ ସମ୍ବର୍ଦ୍ଧନା



ଓସିଏସ୍‌ରେ କୃତିତ୍ୱ ହାସଲ କରିଥିବା ୩ ପିଲାଙ୍କ ସହ ଆଦିବାସୀ ସମାଜ କର୍ମକର୍ତ୍ତା ଓ ଅତିଥି ।

ମାଲକାନଗିରି,୨୭।୧୦ (ଦୁର୍ଯ୍ୟୋଧନ ପାତ୍ର)

ଜିଲା ଆଦିବାସୀ କର୍ମଚାରୀ ସଂଘ ତରଫରୁ ଓଡିଶା ପ୍ରଶାସନିକ ସେବା(ଓସିଏସ୍) ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ପ୍ରଥମ ବଣ୍ଡା, କୋୟା, ଭୂୟା ଆଦିବାସୀ ସମ୍ପ୍ରଦାୟର ବିନି ମୁଦୁଲି, ଶ୍ୟାମ ମାଡି ଓ ମମତା ତାଡଡିଆଙ୍କୁ ମାଲକାନଗିରି ମାଲ୍ୟବନ୍ତ ହଷ୍ଟେଲରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସଂଗଠନ ସଭାପତି ଆନନ୍ଦ ମାଡିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ସମ୍ମାନନୀୟ ଅତିଥି ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟ ନର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଅତିରିକ୍ତ ଜିଲାପାଳ ଅଲେଖ ଚନ୍ଦ୍ର ଭୋଇ, ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା, ଜିଲା ଆଦିବାସୀ ସମାଜ ମହାସଂଘ ସଭାପତି ବନ୍ଧୁ ମୁଦୁଲିଙ୍କ ସମେତ ୧୪ ଆଦିବାସୀ ସମାଜ ସଭାପତି, ୭ ବ୍ଲକ କର୍ମଚାରୀ ସଂଘ କର୍ମକର୍ତ୍ତା, ଅନ୍ୟାନ୍ୟ କର୍ମଚାରୀ ଓ ସ୍ଥାନୀୟ କଲେଜର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସଭାରେ କୃତିତ୍ୱଙ୍କୁ ସଂଗଠନ ତରଫରୁ ଆଦିବାସୀ ପାରମ୍ପରିକ ଅଳଙ୍କାର ସହିତ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହିତ ସେମାନେ ଯେପରି ଭବିଷ୍ୟତରେ ଉତ୍ତରୋତ୍ତର ଉନ୍ନତି ସହ ଆଦିବାସୀ ଯୁବ ପିଢିଙ୍କ ପାଇଁ ପ୍ରେରଣାଉତ୍ସ ହେବେ ସେ ବିଷୟରେ ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ରାମ ଡୁରୁଆ ପରିଚାଳନା କରିଥିଲେ। ରଘୁନାଥ ନାୟକ, ଅଭିମନ୍ୟୁ ହାଲବା, ଦେବେନ୍ଦ୍ର ମାଡକାମି ଓ କେତକୀ ନାୟକ ଆଦି ସକ୍ରିୟ କର୍ମକର୍ତ୍ତା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ୬୮ ଘଣ୍ଟା ପରେ ମିଳିଲା ମୃତଦେହ

**ମାଛ ଧରିବାକୁ ଯାଇ ନିଖୋଜ ଘଟଣା**

ଲମତାପୁଟ,୨୭।୧୦ (ଭକ୍ତରାମ ବାଙ୍ଗିଆ)

କୋରାପୁଟ ଜିଲା ଲମତାପୁଟ ବ୍ଲକ ମାଛକୁଣ୍ଡ ନଦୀରେ ବୁଡିଯାଇ ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ୬୮ ଘଣ୍ଟା ପରେ ରବିବାର ମିଳିଛି। ଅନେକଦେଲି କଦମଗୁଡା ଗ୍ରାମର ଶୁକ୍ରା ଗୋଲରୀ ଗୁରୁବାର ମାଛକୁଣ୍ଡ ନଦୀକୁ ମାଛ ଧରିବାକୁ ଯାଇଥିଲେ। ବଡ଼ ମାଛ ଜାଲରେ ପଡିଥିବା ବେଳେ ସେ ଭାରସାମ୍ୟ ହରାଇ ପାଣିରେ ପଡି ଯାଇ ନିଖୋଜ ରହିଥିଲେ। ଲମତାପୁଟ ଏବଂ ନନ୍ଦପୁରର ଅଗ୍ନିଶମ ବାହିନୀର ୯ ଜଣିଆ ଟିମ୍ ଖୋଜି ଖୋଜି ବିଫଳ ହୋଇଥିଲେ। ଶେଷରେ ମାଛ କୁଣ୍ଡ ଏବଂ ଜଲାପୁଟ ଡ୍ୟାମର ଗେଟ ବନ୍ଦ କରାଯିବାରୁ ନଦୀର ପାଣି କମିଥିଲା। ପାଣି କମିବା ପରେ ଶୁକ୍ରାଙ୍କ ମୃତଦେହ ଏକ ପଥର କରଡରରେ ଚାପି ହୋଇଥିବା ବେଳେ ଅଗ୍ନିଶମ ବାହିନୀ ଜବତ କରିଥିଲେ।

## ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର ଅଭିଯୋଗ

ଜୟପୁର,୨୭।୧୦(ପବନ ପାଣିଗ୍ରାହୀ)

ବିବାହ ପ୍ରଲୋଭନ ଦେଖାଇ ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ଜୟପୁର ମହିଳା ପୋଲିସ ରବିବାର ଗିରଫ କରିଛି। ସେ ହେଲେ ସେମିଳିଗୁଡ଼ା ବ୍ଲକ ଲୁଙ୍ଗୁଲି ଗ୍ରାମର ଜଗନ୍ନାଥ ଖରା(୩୦)। ଜଗନ୍ନାଥ ବିବାହିତ ହୋଇଥିବା ବେଳେ ତାଙ୍କର ୩ ସନ୍ତାନ ଅଛନ୍ତି। ସେ ଜଣେ ସ୍ୱାମୀପରିତ୍ୟକ୍ତା ମହିଳାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ନେଇ ମହିଳା ଥାନାରେ ଅଭିଯୋଗ ହୋଇଛି। ପୋଲିସ ୧୮୭/୨୪ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ମହିଳା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଏମ୍‌ଭି ୭୯ ପୋଲିସ ପକ୍ଷରୁ ୬୫ତମ ଶହୀଦ ଦିବସ

ଏମ୍‌ଭି ୭୯,୨୭।୧୦(ଭିକି ବାରିକ)

ମାଲକାନଗିରି ଜିଲା ଏମ୍‌ଭି ୭୯ ଥାନା ଅଧୀନ ସିମିଳିବଞ୍ଚା ଗ୍ରାମର ଅଜିତ ସୋଡି ଏସ୍‌ପିଓ ଭାବେ କାର୍ଯ୍ୟରତ ଥିବା ସମୟରେ ୨୦୧୨ ପଡିଆ ହାଟ ନିକଟରେ ମାଓବାଦୀଙ୍କ ଦ୍ୱାରା ଗୁଳି ବିନିମୟରେ ଶହୀଦ ହୋଇଥିଲେ। ରବିବାର ଶହୀଦମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପରିବାର ବର୍ଗଙ୍କୁ ଡକାଯାଇ ୬୫ ତମ ଶହୀଦ ଦିବସ ଅବସରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଗାର୍ଡଅଫ ଅନର ଦିଆଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଥାନା ଅଧିକାରୀ ସୁବାଷ ଚନ୍ଦ୍ର କର୍‌କରା,ଏସ୍‌ଆଇ ଭୁବନେଶ୍ୱର ପଟ୍ଟନାୟକ,ଏସ୍‌ଆଇ ଶ୍ରୀଚନ୍ଦନ ବେହେରା ଏବଂ ଶହୀଦଙ୍କ ପାରିବାର, ସିମିଳିବାଞ୍ଚା ସରପଞ୍ଚ ସୀଙ୍ଗା ମାଡ଼କାମି, ଜିଲା ବିଜେଡି ସମ୍ପାଦକ ଶୁଭ୍ରାଂଶୁ ସାହୁ ଉପସ୍ଥିତ ରହି ସଭାକାର୍ଯ୍ୟ ପରିଚାଳନା କରିଥିଲେ ।



ଶହୀଦଙ୍କ ସ୍ମୃତିସ୍ତମ୍ଭ ନିକଟରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି ।

## ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି, କଳା ଉତ୍ସବ ୨୦୨୪

ମାଲକାନଗିରି, ୨୭।୧୦ (ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଅସିତ କୁମାର ମିସ୍ତ୍ରୀ, ଚିତ୍ରକୋଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀ, ସଦର ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଗୌରାଙ୍ଗ ସଜ୍ଜନ, ଖଇରପୁଟ ସହକାରୀ ବ୍ଲକ ଶିକ୍ଷାଧିକାରୀ ଶିବାରୀ ମୁଦୁଲି ଏବଂ ଅନୁସୂଚିତ ଜାତି ଓ ଜନଜାତି ସଂଯୋଜକ ଶେଷ ଶଙ୍କର ମହାଲିକ ମଞ୍ଚାସୀନ ଥିଲେ। ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକାୟିତ ପ୍ରତିଭାର ବିକାଶ ହୋଇପାରିବ ବୋଲି ଜିଲା ଶିକ୍ଷାଧିକାରୀ ସାହୁ କହିଥିଲେ। କଳାର ବିକାଶ ହେବା ଦ୍ୱାରା ଛାତ୍ରଛାତ୍ରୀଙ୍କ ଶିକ୍ଷାପ୍ରତି ରୁଚି ବଢିବ। ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ନିଜ ଦକ୍ଷତାକୁ ଶ୍ରେଷ୍ଠ ଭାବେ ପ୍ରଦର୍ଶନକରି ଜିଲା ପାଇଁ ଗୌରବ ଆଣିବାକୁ ଅତିଥି ଛାତ୍ରୀଛାତ୍ରଙ୍କୁ ଅନୁପ୍ରାଣିତ କରିଥିଲେ ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ସୂଚନାଯୋଗ୍ୟ, ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପ୍ରଥମସ୍ଥାନରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀ ନଭେମ୍ବର ୧୨, ୧୩, ଓ ୧୪ରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ନଭେମ୍ବର ୧୪ ଅର୍ଥାତ୍ ଶିଶୁ ଦିବସରେ ମୁଖ୍ୟମନ୍ତ୍ରୀ କୃତିପ୍ରତିଯୋଗିଙ୍କୁ ପୁରସ୍କୃତ କରିବେ । ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ସଙ୍ଗୀତ, ବକ୍ତୃତା, ସାଧାରଣ ଜ୍ଞାନ, ପ୍ରବନ୍ଧ, ଏକକ ଅଭିନୟ, କ୍ରିଏଟିଭ୍ ରାଇଟିଂ ସହ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କଳାଉତ୍ସବରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟର ବିଦ୍ୟାଲକ୍ଷ୍ମୀ ଚୌଧୁରୀ, ଶକୁନ୍ତଳା ମାଝୀ, ସୀତାରାମ ଗୌଡ ଓ କାଳୁ ଚରଣ ମହାରଣା କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ। ପ୍ରମୋଦ କୁମାର ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦେବରାଜ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

